୬ ଟି-୨୦ : ଜିମ୍ବାୱେ ବିପକ୍ଷରେ ୯୦ ରନ୍‌ରେ ଜିତିଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୭୬ ● ୨୬ ଜୁଲାଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-176 ● 26th July 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ମହଣ ମହଣ ସୁନାରେ ଝଟକିଲେ ମହାବାହୁ







**ପୁରୀ, ୨୫।୭ : ନ୍ୟୁଜ୍ ବ୍ୟୁରୋ**

ବିଶ୍ୱନିୟନ୍ତା ଲୀଳାମୟଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର । ଲୀଳାମୟଙ୍କ ମାନବୀୟ ଲୀଳାଖେଳା ଚାଲିଛି । ଭାବର ଠାକୁର କାଳିଆ । କାଳିଆ ଭକ୍ତି ଭାବରେ ବନ୍ଧା । ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପାଲଟିଛି ଭକ୍ତମୟ, ଜନସମୁଦ୍ର। ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ବଡଦାଣ୍ଡରେ ବଡଦେଉଳ ଭିତରେ ବଡଠାକୁର ବିଶ୍ୱବିଦିତ ଜଗତକର୍ତ୍ତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଅନ୍ୟତମ ଆକର୍ଷଣ ହେଉଛି ମହାପ୍ରଭୁଙ୍କ ସୁନାବେଶ। ଶୃଙ୍ଗାର ପ୍ରିୟ ଠାକୁରଙ୍କ ଚବିଶ ବେଶ ମଧ୍ୟରେ ଶ୍ରୀମନ୍ଦିରରେ ବାଇଶିଟି ବେଶ ହୋଇଥାଏ । ମହାପ୍ରଭୁଙ୍କ ବେଶ ମଧ୍ୟରେ ସୁନାବେଶ ଅତ୍ୟନ୍ତ ଦୁର୍ଲଭ । ଶ୍ରୀମନ୍ଦିରରେ ବିଜୟାଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମାରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଆଷାଢ଼ ଶୁକ୍ଳ ଏକାଦଶୀଦିନ ଶ୍ରୀମନ୍ଦିର ସିଂହଦ୍ୱାର ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଅତ୍ୟନ୍ତ ମହନୀୟ । ଚିତ୍ତାକର୍ଷକ ତଥା ନୈସର୍ଗିକ ବେଶକୁ ଅପଲକ ନୟନରେ ଅବଲୋକନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରୁଣ୍ଡ ହୋଇଥିଲେ ବଡଦାଣ୍ଡରେ।

ତିନି ରଥରେ ମଇଲମ ୧୨ଟା୧୫ରୁ ୧୨ଟା୩୫, ମହାସ୍ନାନ-ସର୍ବାଙ୍ଗ ୧୨ଟା୨୦ରୁ ୧୨ଟା୫୦, ବେଶ ଶେଷ ୧ ଟାରୁ ୧ଟା୩୫, ମଧ୍ୟାହ୍ନ ଧୂପ ୧ଟା୫୦ରୁ ୨ଟା୩୦, ମଇଲମ ୪ଟା୪୫ରୁ ୪ଟା୫୫, ଶ୍ରୀଜୀଉଙ୍କର ଶାଢ଼ି ଖଣ୍ଟୁଆ ଲାଗି ସନ୍ଧ୍ୟା ଆଳତି ୪ଟା୫୫ରୁ ୫ଟା ୦୫, ଏକାଦଶୀ ସର୍ବାଙ୍ଗ ୫ଟାରୁ ୫ଟା୧୦, ୫ଟା ୧୯ରେ ସୁନାବେଶ ଆରମ୍ଭ ହୋଇଥିଲା। ମାର୍କେଟ ଛକ ଠାରୁ ବ୍ୟାରିକେଡ ଭିତରେ ଭକ୍ତ ମାନେ ଶୃଙ୍ଖଳିତ ଭାବେ ଯାଇ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରି ଫେରିଥିଲେ। ପାଣି ସିଞ୍ଚନ ସହ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଥିଲା ସିଂହଦ୍ୱାର ଓ ବଡଦାଣ୍ଡ । ଆଷାଢ଼ ଶୁକ୍ଳ ଏକାଦଶୀଦିନ ମଧ୍ୟାହ୍ନଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା । ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ ଫୋର୍ସ, ମନ୍ଦିର ଗାରଦ ଓ କର୍ମଚାରୀଙ୍କ ସହାୟତାରେ ତିନିରଥ ଉପରକୁ ଭଣ୍ଡାର ଘରୁ ସୁନାବେଶ ପାଇଁ ସାମଗ୍ରୀ ଆଣିଥିଲେ । ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ସେବକ ମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥିଲେ। ଅଳଙ୍କାର ମଧ୍ୟରେ ବଡଠାକୁର ଶ୍ରୀବଳଭଦ୍ରଙ୍କ ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, (ଆୟୁଧ) ହଳ ଓ ମୂଷଳ, ବାହାଡା ମାଳି, ବାଘନଖ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସେହିପରି ଦେବୀ ମା' ସୁଭଦ୍ରା କିରୀଟ, ଓଡ଼ିଆଣି, କାନ, ଚନ୍ଦ୍ର ସୂର୍ଯ୍ୟ, ଘାଗଡା ମାଳି, କଦମ୍ବ ମାଳି, ୨ଟି ତଗଡି, ସେବତି ମାଳି ଆଦି ପରିଧାନ କରି ଭକ୍ତଜନଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଳଙ୍କାର ମଧ୍ୟରେ କିରୀଟ, ଶ୍ରୀଭୂଜ, ଶ୍ରୀପୟର, ଓଡିଆଣି, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି,( ଆୟୁଧ) ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ହରିଡା, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସୁନାବେଶରେ ଥାଇ ଠାକୁରମାନଙ୍କର ରାତ୍ରରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ନୀତି ଅନୁଷ୍ଠିତ ହୋଇଥିଲା । ସିଂହଦ୍ୱାର ଠାରେ ଶ୍ରୀବିଗ୍ରହମାନଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି କୃତାର୍ଥ ହୋଇଥିଲେ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ । ହରିବୋଲ ହୁଳହୁଳି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡଦାଣ୍ଡ । ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଅପରାହ୍ନ ୫ଟା୧୦ରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଠାକୁରମାନଙ୍କର ସୁନାବେଶ ଭକ୍ତମାନଙ୍କୁ ଅପାର ଆନନ୍ଦ ଦେଇଥିବା ପରିଲକ୍ଷିତ ହୋଇଥିଲା ।

ସୋମବାର ନିଳାଦ୍ରୀ ବିଜେ ଦିନ ରଥାରୂଢ଼ ମହାପ୍ରଭୁ ନିଳାଦ୍ରୀ ବିଜେ କରିବେ। ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଭୋଗ *(ପୃଷ୍ଠା ୭ରେ)*

## ବଙ୍ଗୋପସାଗରରେ ଲଘୁଚାପ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୫।୭**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପୁଣି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମବଙ୍ଗ- ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି। କେନ୍ଦୁଝର ଜିଲ୍ଲା ହାଟଡିହୀଠାରେ ସର୍ବାଧିକ ୧୨୦.୨ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରାହୁଲ ଗାନ୍ଧୀ ଆହତ ଛାତ୍ରୀମାନଙ୍କ ସହ କଲେ ସାମ୍ବାଦିକ ସମ୍ମିଳନୀ, କହିଲେ ପ୍ରଧାନମନ୍ତ୍ରୀ ମାଗନ୍ତୁ କ୍ଷମା।
- ଆସାମ ବନ୍ୟା: ୧୧ଟି ଜିଲ୍ଲାରେ ୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ, ଆଉ ଛଅଟି ମୃତଦେହ ଉଦ୍ଧାର।
- ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାରେ କାର୍ ଡ୍ୟାମ୍ ଭିତରକୁ ଖସି ପଡ଼ି ଚାରି ଜଣଙ୍କର ମୃତ୍ୟୁ।
- କାର୍ଗିଲ ବିଜୟ ଦିବସ ଉତ୍ସବରେ ଯୋଗଦେବାକୁ ଶ୍ରୀନଗରରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ।
- ସୋନମ ୱାଙ୍ଗଚୁକ୍ ଏବଂ ବିରୋଧୀ ଦଳମାନେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫାକୁ ଗଣତନ୍ତ୍ରର ବିଜୟ ବୋଲି କହିଲେ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୯୩ (+୬୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୨୮୫ (+୫୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୭୦ (+୪୫)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୫)

## କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୭**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ। ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନ ମଧ୍ୟରେ ଧର୍ମେନ୍ଦ୍ର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ସେ ତାଙ୍କର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି।

ନିଜ ସୋସିଆଲ ମିଡିଆ ହାଣ୍ଡେଲରେ ଏକ ପୋଷ୍ଟରେ ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି ଗତ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଶିକ୍ଷା ସଂସ୍କାରର କାର୍ଯ୍ୟରେ ନିଜକୁ ସମର୍ପିତ କରିଆସିଛି। ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ଏକ ଦୃଢ଼, ସାମୂହିକ ଏବଂ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା ହିଁ ଏକ ସଶକ୍ତ ରାଷ୍ଟ୍ରର ମୂଳଭିତ୍ତି।

ଦେଶର ଯୁବପିଢ଼ିର ଆଶା, ଆକାଂକ୍ଷା ଏବଂ ଯୁକ୍ତିସଙ୍ଗତ ଅପେକ୍ଷା ପ୍ରତି ମୋର ଗଭୀର ସମ୍ମାନ ରହିଛି। *(ପୃଷ୍ଠା ୭ରେ)*



### ଧର୍ମେନ୍ଦ୍ରଙ୍କୁ ମୋହନଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସ ରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି *(ପୃଷ୍ଠା ୭ରେ)*

### ବିଜୟ ପାଇଁ ଭାରତର ଯୁବପିଢ଼ିଙ୍କୁ ଅଭିନନ୍ଦନ : ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**


ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନ ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେବା ଉପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଏହି ବିଜୟ ପାଇଁ ମୁଁ ଭାରତର ଯୁବପିଢ଼ିଙ୍କୁ, ବିଶେଷକରି ଜେନ୍ ଜିଙ୍କୁ ଅଭିନନ୍ଦନ ଜଣାଉଛି। ଜନମତ ପ୍ରତି ଉତ୍ତରଦାୟିତ୍ୱ ଏବଂ ସମ୍ବେଦନଶୀଳତା *(ପୃଷ୍ଠା ୭ରେ)*

### ବାହୁଡ଼ା ଯାତ୍ରା : ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ନେଇ ବିରୋଧୀ ଦଳ ନେତାଙ୍କ ଦୁଃଖ ପ୍ରକାଶ

**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଦଳାଚକଟା ଯୋଗୁଁ ଜଣେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଓ ଅନେକ ଆହତ ହୋଇଥିବା ବିଷୟ ଜାଣି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଏହି ଅବସରରେ ସେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

ବିରୋଧୀ ଦଳ ନେତା କହିଛନ୍ତି ଯେ, ରଥଯାତ୍ରା ସମୟରେ ବାରମ୍ବାର ଏଭଳି ଅଘଟଣ ଘଟୁଛି କଣ ପାଇଁ ? ସରକାର ଏତେ ଖାମଖିଆଲି ଭାବେ କଣ ପାଇଁ କାମ କରୁଛନ୍ତି ? ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ସରକାର ଆଦୌ ଗୁରୁତ୍ୱର ସହ ଗ୍ରହଣ ନକରିବା ଅତ୍ୟନ୍ତ ଚିନ୍ତାଜନକ। ବିରୋଧୀ ଦଳ ନେତା କହିଛନ୍ତି ଯେ, ଅନୁଭବ ହେଉଛି *(ପୃଷ୍ଠା ୭ରେ)*




## ସୁନାବେଶ ପାଇଁ ଅସମ୍ଭାଳ ଭିଡ଼, ପିପିଲିରୁ ମାଳତୀପାଟପୁର ଯାଏଁ ଘୁଞ୍ଚୁନାହିଁ ଗାଡ଼ି



**ଭୁବନେଶ୍ୱର, ୨୫।୭**
**ନ୍ୟୁଜ୍ ବ୍ୟୁରୋ**

ଶନିବାର ମହାପ୍ରଭୁଙ୍କ ସୁନାବେଶ ପାଇଁ ଭୁବନେଶ୍ୱର ପୁରୀ ରାସ୍ତାରେ ଅସମ୍ଭାଳ ଭିଡ଼। ମାଳତୀପାଟପୁର ଟ୍ରାଫିକ ଅତିକ୍ରମ କରିବାକୁ ଲାଗୁଛି ୨ ଘଣ୍ଟାରୁ ଅଧିକ ସମୟ । ପିପିଲି ନିକଟରୁ ମାଳତୀପାଟପୁର ପର୍ଯ୍ୟନ୍ତ ଗାଡିର ଲମ୍ବା ଲାଇନ ଲାଗିଛି। ଶ୍ରଦ୍ଧାଳୁ ମାନେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିଥିଲେ। ରାସ୍ତା ଜାମ୍ ଯୋଗୁଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଟ୍ରାଫିକ୍ ଚଳାଚଳ ସ୍ୱାଭାବିକ କରିବା ପାଇଁ ପୋଲିସକୁ ବହୁ କଷ୍ଟସ୍ୱୀକାର କରିବାକୁ ପଡିଥିଲା। ମାଳତୀପାଟପୁର ନିକଟରୁ ଗାଡି ଗୁଡିକୁ ତାଳ ବଣିଆ ପାର୍କିଂକୁ ପଠାଯାଉଛି । ଟ୍ରାଫିକ ଅଧିକାରୀଙ୍କ ଦ୍ୱାରା ଘଣ୍ଟାକରେ ଥରେ ସୋସିଆଲ ମିଡିଆରେ ଆଡଭାଇଜରି ଜାରି କରାଯାଉଛି। ରଥାରୂଢ଼ ଶ୍ରୀବିଗ୍ରହଙ୍କ ସୁନାବେଶ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟାରୁ ଭକ୍ତମାନେ ରଥାରୂଢ଼ ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିଥିଲେ। ୫ଟାରେ ଶ୍ରୀବିଗ୍ରହଙ୍କ ସୁନାବେଶ ଆରମ୍ଭ ହୋଇ ସାଢ଼େ ୬ଟା ସୁଦ୍ଧା ସରିଥିବା ସୂଚନା ମିଳିଛି। ଦାରୁବ୍ରହ୍ମଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଇଥିଲା । ଦଇତାପତି ସେବକମାନେ ଯତ୍ନବାନ ହେବାକୁ ଏବଂ ଶ୍ରୀଜୀଉଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଦର୍ଶନ ଅବରୋଧ ନ *(ପୃଷ୍ଠା ୭ରେ)*

## ହାଜର ହେଲେନି ପାଣ୍ଡିଆନ

**ଭୁବନେଶ୍ୱର, ୨୫।୭**
**ନ୍ୟୁଜ୍ ବ୍ୟୁରୋ**



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ହଜିବା ଘଟଣାରେ ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କେ ପାଣ୍ଡିଆନ କ୍ୟାପିଟାଲ ଥାନାରେ ହାଜର ହୋଇ ନାହାନ୍ତି। ବିଦେଶରେ ଥିବାରୁ ବ୍ୟକ୍ତିଗତ ଭାବେ ହାଜର ହୋଇନଥିବା ନେଇ ପାଣ୍ଡିଆନ୍ ଇ-ମେଲ୍ ଜରିଆରେ ତଦନ୍ତକାରୀ ଅଧିକାରୀଙ୍କୁ ଜଣାଇଛନ୍ତି। ଏହାସହ ଭିଡିଓ *(ପୃଷ୍ଠା ୭ରେ)*

## ଗୁଗୁଲ୍ ଉପରେ ଜରିମାନା ଲଗାଇଲା ୟୁରୋପୀୟ ସଂଘ

**ୱାଶିଂଟନ, ୨୫।୭**

ଗୁଗୁଲ୍ ଉପରେ ୟୁରୋପୀୟ ୟୁନିୟନ୍ (ଇ. ୟୁ.) ପ୍ରାୟ ଏକ ବିଲିୟନ ଡଲାର (୮୩.୫ ହଜାର କୋଟି)ର ବିଶ୍ୱାସ ବିରୋଧୀ ଜରିମାନା ଲାଗୁ କରିବା ପରେ ଆମେରିକା ଏବଂ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ସଂଘ ବିରୋଧରେ ଧାରା ୩୦୧ ବାଣିଜ୍ୟ *(ପୃଷ୍ଠା ୭ରେ)*





# ବାଲ୍ୟବିବାହ ଓ ଶିଶୁଶ୍ରମ ନିରାକରଣ ସମ୍ପର୍କରେ ସମୀକ୍ଷା

**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କିଶୋର କିଶୋରୀଙ୍କ ସଶକ୍ତୀକରଣ, ବାଲ୍ୟ ବିବାହ ନିରାକରଣ, ଶିଶୁ ଶ୍ରମ ଉଚ୍ଛେଦ ଏବଂ ଚାଇଲ୍ଡଲାଇନ୍ ଆଡଭାଇଜରୀ ବୋର୍ଡ ସମ୍ପର୍କିତ ସମୀକ୍ଷା ବୈଠକ ଆଜି କେନ୍ଦ୍ରାପଡ଼ା କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା, ସଶକ୍ତୀକରଣ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ସମାଜର ସାମୂହିକ ଦାୟିତ୍ୱ। ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ଭଳି ସାମାଜିକ କୁପ୍ରଥାକୁ ସମୂଳେ ଦୂର କରିବା ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଗତ ଜିଲ୍ଲାସ୍ତରୀୟ



ଟାସ୍କଫୋର୍ସ ବୈଠକରେ ନିଆଯାଇଥିବା ନିଷ୍ପତ୍ତି, ଜିଲ୍ଲା କାର୍ଯ୍ୟଯୋଜନାର ଅଗ୍ରଗତି ଏବଂ କିଶୋର କିଶୋରୀଙ୍କ ସଶକ୍ତୀକରଣ ଓ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।ବୈଠକରେ ଗତ ସମୀକ୍ଷା ବୈଠକର ନିଷ୍ପତ୍ତିଗୁଡ଼ିକର ଅନୁପାଳନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ୱାର୍ଡ ଗଠନ, ବାଲ୍ୟ ବିବାହ ମାମଲାରେ ଶିଶୁ କଲ୍ୟାଣ କମିଟିର ଭୂମିକା, ‘ଅଦ୍ୱିକା’ କାର୍ଯ୍ୟକ୍ରମ, ‘ଆଡୋଲେସେଣ୍ଟ ଶକ୍ତି’ କାର୍ଯ୍ୟକ୍ରମ, ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ ‘ପ୍ରତିଜ୍ଞା’ ଓ ‘ଅକ୍ଷୟ ତୃତୀୟା’ ଅବସରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।ଏହା ସହିତ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ସଫଳ କେସ୍ ଷ୍ଟଡି ଉପସ୍ଥାପନ କରାଯାଇଥିଲା। ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ମୁକ୍ତ ଆଲୋଚନା ଅନୁଷ୍ଠିତ ହୋଇଥିଲା।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସପି ପୋଲିସ ବବିତା ଦଳାଇ,ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲାର ନିଯୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକ, ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ଲଲାଟେନ୍ଦୁ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ସମସ୍ତ ସିଡିପିଓ,ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଂସ୍ଥାର ପ୍ରତିନିଧି ଏବଂ ଟାସ୍କଫୋର୍ସର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶେଷରେ ପ୍ରୋଟେକ୍ସନ ଅଫିସର କମ୍ ପ୍ରୋବେସନ ଅଫିସର ସବିତା ରାଣୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକାଶ ଗବେଷଣାରେ ମହାସଙ୍କଟ : ଇସ୍ରୋ ଛାଡ଼ିଲେ ଶତାଧିକ ବିଜ୍ଞାନୀ

**ନୂଆଦିଲ୍ଲୀ,**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଧ୍ୟରେ ଏକ ଅଭୂତପୂର୍ବ, ଗମ୍ଭୀର ଏବଂ ଆଶଙ୍କାଜନକ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସମଗ୍ର ଦେଶର ମହାକାଶ କାର୍ଯ୍ୟକ୍ରମକୁ ଏକ ବଡ଼ ଦ୍ୱନ୍ଦ୍ୱ ଏବଂ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ୧୦୦ ରୁ ୧୨୦ ଜଣ ଅତି ବରିଷ୍ଠ ବିଜ୍ଞାନୀ, ଗବେଷକ ଏବଂ ମୁଖ୍ୟ ଯନ୍ତ୍ରୀ ହଠାତ୍ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ଚିନ୍ତାଜନକ ବିଷୟ ହେଉଛି ଯେ, ଏହି ପ୍ରସ୍ଥାନ କରିଥିବା ବ୍ୟକ୍ତିବିଶେଷମାନେ ସାଧାରଣ କର୍ମଚାରୀ ନଥିଲେ; ସେମାନେ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ମିଶନ୍—ମାନବ ମହାକାଶ ଯାତ୍ରା ଅଭିଯାନ ‘ଗଗନଯାନ’ ଏବଂ ‘ଚନ୍ଦ୍ରଯାନ‘ ପ୍ରକଳ୍ପଗୁଡ଼ିକର ସିଧାସଳଖ ପରିଚାଳନା ଏବଂ ପ୍ରଯୁକ୍ତିବିଦ୍ୟା ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୋଟିଏ ପଟେ ଦେଶର ପ୍ରଥମ ମାନବ ମହାକାଶ ମିଶନ୍ ପାଇଁ ସମଗ୍ର ବିଶ୍ୱର ନଜର ଭାରତ ଉପରେ ରହିଥିବା ବେଳେ, ଅନ୍ୟପଟେ ମୁଖ୍ୟ ବିଜ୍ଞାନୀମାନଙ୍କର ଏହିପରି ସାମୂହିକ ପ୍ରସ୍ଥାନ ସମଗ୍ର ଦେଶରେ ଗଭୀର ଉଦ୍‌ବେଗ ଏବଂ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଏହି ସଙ୍କଟ ପଛର ସବୁଠାରୁ ବଡ଼ କାରଣ ହେଉଛି ଭାରତରେ ବେସରକାରୀ ମହାକାଶ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକ ନୂତନ ଉଦ୍ୟୋଗଗୁଡ଼ିକର ଆବିର୍ଭାବ। ସ୍କାଏରୁଟ୍ ଏରୋସ୍ପେସ୍, ଅଗ୍ନିକୁଲ୍ କସମୋସ୍ ଏବଂ ପିକ୍ସେଲ୍ ଭଳି ଘରୋଇ କମ୍ପାନୀଗୁଡ଼ିକ ଅତ୍ୟାଧୁନିକ ରକେଟ୍, କୃତ୍ରିମ ଉପଗ୍ରହ ଏବଂ ପ୍ରକ୍ଷେପଣ ବ୍ୟବସ୍ଥା ନିର୍ମାଣ ପାଇଁ ଇସ୍ରୋର ଅଭିଜ୍ଞ ବିଜ୍ଞାନୀମାନଙ୍କୁ ସରକାରୀ ଦରମା ତୁଳନାରେ ଯଥେଷ୍ଟ ଅଧିକ ଅର୍ଥ, ଉଚ୍ଚ ପଦବୀ ଏବଂ ଆକର୍ଷଣୀୟ ସୁବିଧା ସୁଯୋଗ ଅଫର୍ କରୁଛନ୍ତି। ଇସ୍ରୋର ପ୍ରାକ୍ତନ ଅଧ୍ୟକ୍ଷ ଏସ୍. ସୋମନାଥ ନିକଟରେ ନିଜ କାର୍ଯ୍ୟକାଳ ପରେ ଏକ ବେସରକାରୀ




ମହାକାଶ କମ୍ପାନୀ ସହିତ ଯୋଡ଼ିହେବା ପରେ, ବ୍ୟବସାୟିକ କ୍ଷେତ୍ରକୁ ଯିବାର ବାଟ ଅନ୍ୟ ବରିଷ୍ଠ ଏବଂ ମଧ୍ୟମ ସ୍ତରର ବିଜ୍ଞାନୀମାନଙ୍କ ପାଇଁ ଆହୁରି ସୁଗମ ଏବଂ ବିଶ୍ୱସନୀୟ ହୋଇଯାଇଛି।

ତେବେ, କେବଳ ଅଧିକ ଦରମାର ଆକର୍ଷଣ ନୁହେଁ, ସଂସ୍ଥା ମଧ୍ୟରେ ଥିବା ଅତ୍ୟାଧିକ କାର୍ଯ୍ୟଚାପ ଏବଂ ମାନସିକ ଶ୍ରମ ମଧ୍ୟ ବିଜ୍ଞାନୀମାନଙ୍କୁ ଇସ୍ରୋ ଛାଡ଼ିବାକୁ ବାଧ୍ୟ କରୁଛି। ଜାତୀୟ ମିଶନ୍‌ଗୁଡ଼ିକ ପାଇଁ କାର୍ଯ୍ୟ କରୁଥିବା ବେଳେ ବେଙ୍ଗାଲୁରୁର ୟୁ.ଆର. ରାଓ ଉପଗ୍ରହ କେନ୍ଦ୍ର ଏବଂ ତିରୁବନନ୍ତପୁରମ୍‌ର ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର ଭଳି ପ୍ରମୁଖ ସଂସ୍ଥାନଗୁଡ଼ିକରେ କାର୍ଯ୍ୟରତ ବିଜ୍ଞାନୀମାନଙ୍କୁ କଠିନ ସମୟସୀମା ମଧ୍ୟରେ କାମ କରିବାକୁ ପଡୁଛି। ସଂସ୍ଥାରେ ବହୁ ପଦବୀ ଖାଲି ପଡ଼ିଥିବାରୁ ଏବଂ ନୂତନ ନିଯୁକ୍ତି ପ୍ରକ୍ରିୟା ଧୀମା ଥିବାରୁ, ବଳକା ବିଜ୍ଞାନୀଙ୍କ ଉପରେ କାର୍ଯ୍ୟଭାର ବହୁଗୁଣିତ ହୋଇଯାଇଛି। ସରକାରୀ କ୍ଷେତ୍ରର ନିର୍ଦ୍ଦିଷ୍ଟ ଦରମା ଏବଂ ଧୀର ପଦୋନ୍ନତି ପ୍ରକ୍ରିୟା ତୁଳନାରେ ବେସରକାରୀ କ୍ଷେତ୍ରର ମେଧା-ଭିତ୍ତିକ ଦ୍ରୁତ ପଦୋନ୍ନତି ଏବଂ ସ୍ୱାଧୀନ କାର୍ଯ୍ୟ ପରିବେଶ ଏହି ଗବେଷକମାନଙ୍କୁ ଅଧିକ ଆକୃଷ୍ଟ କରୁଛି।

ଏହି ଜରୁରୀ ସଙ୍କଟର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ମହାକାଶ ବିଭାଗ ତୁରନ୍ତ କଠୋର ଏବଂ ନୂତନ ପଦକ୍ଷେପ ଗ୍ରହଣ କରିଛି। ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଇସ୍ରୋର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକମାନଙ୍କର ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ଆବେଦନ ଗ୍ରହଣ କରିବାର ସିଧାସଳଖ କ୍ଷମତାକୁ ରଦ୍ଦ କରାଯାଇଛି।

ବର୍ତ୍ତମାନ କୌଣସି ବିଜ୍ଞାନୀ କିମ୍ବା ଯନ୍ତ୍ରୀ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କଲେ, ସେହି ନଥିପତ୍ର ସିଧାସଳଖ ମହାକାଶ ବିଭାଗର ମୁଖ୍ୟାଳୟକୁ ପଠାଯିବ ଏବଂ ସେଠାରେ ଉଚ୍ଚସ୍ତରୀୟ ସମୀକ୍ଷା ପରେ ହିଁ ଅନ୍ତିମ ନିଷ୍ପତ୍ତି ନିଆଯିବ। ଯଦିଓ ଇସ୍ରୋ ପକ୍ଷରୁ ଦାବି କରାଯାଇଛି ଯେ ଏହି ପ୍ରସ୍ଥାନ ଦ୍ୱାରା ଦେଶର ମୁଖ୍ୟ ମହାକାଶ ମିଶନ୍‌ଗୁଡ଼ିକ ବାଧାପ୍ରାପ୍ତ ହେବ ନାହିଁ, ତଥାପି ଏହିପରି ଭାବେ ଅଭିଜ୍ଞ ମାନବସମ୍ବଳର କ୍ଷୟ ଭାରତର ମହାକାଶ ଗବେଷଣାର ସୁରକ୍ଷା ଏବଂ ପ୍ରଗତି ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି।

# ଶାନ୍ତି ପୂର୍ଣ୍ଣ ଆମରଣ ଅନଶନକୁ ଦମନ କରିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ସାମାଜିକ କର୍ମୀ, ଶିକ୍ଷାବିତ ତଥା ବୈଜ୍ଞାନିକ ସୋନମ ୱାଂଗଚୁକଙ୍କ ଆମରଣ ଅନଶନକୁ ବଳପୂର୍ବକ ଦମନ କରିବା ପ୍ରତିବାଦରେ ବରଗଡ଼ ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ ଓ ଦସ୍ତଖତ ଅଭିଯାନ କରାଯାଇଛି। ବରଗଡ଼ର ସଚେତନ ନାଗରିକ ଓ ବିଭିନ୍ନ ସଂଗଠନ ର ସଦସ୍ୟ ମାନେ ଏହି ବିକ୍ଷୋଭ ରେ ଯୋଗ ଦେଇ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦାବୀ କରିଥିଲେ। ସୋନମ ଙ୍କୁ ପୋଲିସ ବଳପୂର୍ବକ ହଟେଇବା ପରେ ଚାରି ପଟୁ ସମର୍ଥନର ସୁଅ ଛୁଟୁଛି ଏହାକୁ ନେଇ ବରଗଡ଼ ରେ ମଧ୍ୟ ଉତ୍ସାହ ଦେଖା ଦେଇଛି । ଏହି ଦସ୍ତଖତ ଅଭିଯାନ ରେ ଦୁଇ ଶହ ରୁ ଅଧିକ ଲୋକ ନିଜର ସିଗନେଚର ଦେଇ ସମର୍ଥନ ଜଣାଇଥିଲେ। ଗତ ଗୋଟିଏ ମାସ ହେଲା ସୋନମ ଓ ତାଙ୍କ ସାଥୀ ମାନେ ଦିଲ୍ଲୀର ଯନ୍ତର ମନ୍ତର ରେ ଅନଶନ ରେ ବସିଛନ୍ତି ଯାହାକୁ ନେଇ ବିଜେପି ସରକାର ଛାନିଆ ହୋଇ ସୋନମଙ୍କୁ ବଳପୂର୍ବକ ହଟେଇ ଆନ୍ଦୋଳନ କୁ ଭଣ୍ଡୁର କରିବାକୁ ଅପଚେଷ୍ଟା କରିଛି। ବୋଲି ଭବାନୀ ସାହୁ କହିଛନ୍ତି । ଗତ ନିଟ ପରୀକ୍ଷା ପେପର ଲିକ କୁ ନେଇ ଦେଶ ତମାମ ଜନ ଆକ୍ରୋଶ ଦେଖାଦେଇଛି ତେଣୁ ଯେ ଛାତ୍ର ଆନ୍ଦୋଳନ ଆଗକୁ ଭୟାବହ ରୂପ ନେଇ ପାରେ ବୋଲି ସୁଶାନ୍ତ ସାହୁ କହିଛନ୍ତି । ଏହି ବିକ୍ଷୋଭ କୁ ଅବିନାଶ ବାଗ, ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ଅନୁପ ଶତପଥି, ହରଦୀପ ସିଂ, ସଂଗ୍ରାମ ନେପାକ,ସ୍ୱରୂପ ଭୋଇ,ବୈକୁଣ୍ଠ ଷଡ଼ଙ୍ଗୀ, ବିମଲ ଶିକ୍କା, ଅସିତ ସାହୁ, ଜୟ କ୍ରିଷ୍ଣା ଛୁରିଆ, ଯଦୁମଣି ପ୍ରଧାନ, ଯୁଗନୁ ଜଗଦଳା,ମାରିୟମ ବାର୍ଲା, ସୁରେଖା ଭୁଏ,ମନୋଜ କଲେତ, ସଂଜୟ କୁମ୍ଭାର,ଅନିଷା କୁମ୍ଭାର, କଳ୍ପନା ସର, ମନୋହର ପ୍ରଧାନ, ସନ୍ତୋଷ ସାହୁ,ଆଜାଦ ପତି କଟାପାଲି ଆଶିଷ ବାଗ, ଦିବ୍ୟକାନ୍ତ ମଲ୍ଲିକ ଗୌରବ ମଲ୍ଲିକ, ପୋଡା ରାଜେଶ ବାଗ, ବିକାଶ ଭୁଏ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଫଳ ଦୃଷ୍ଟାନ୍ତ ଅପେକ୍ଷାରେ ଆମ ସୁଭଦ୍ରା ଶକ୍ତି ଆଲୋଚନା ଚକ୍ର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗରରୁ ପ୍ରକାଶ ପାଉଥିବା ମାସିକ ସମ୍ବାଦପତ୍ର ‘‘କଳିଙ୍ଗନଗର ବୁଲେଟିନ୍’’ ପକ୍ଷରୁ ସୋମବାର ଅପରାହ୍ନରେ ନହକା ଛକ ସ୍ଥିତ “ହୋଟେଲ୍ ରୟାଲ୍ କଳିଙ୍ଗ” ଠାରେ କଳିଙ୍ଗନଗର ବୁଲେଟିନ ସମ୍ପାଦକ ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ “ସଫଳ ଦୃଷ୍ଟାନ୍ତ ଅପେକ୍ଷାରେ ଆମ ସୁଭଦ୍ରା ଶକ୍ତି” ଏକ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ବାଦ ପତ୍ର ଗଠନମୂଳକ ବିରୋଧୀ ଦଳ ଭୂମିକା ନିର୍ବାହ କରେବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ନାରୀ ସଶକ୍ତ ହେଲେ ରାଷ୍ଟ୍ର ସମୃଦ୍ଧ ହୁଏ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ସମାଜ ବିଜ୍ଞାନୀ , ପରିବେଶବିତ୍ ତଥା ସ୍ତମ୍ଭକାର ଡ. ରୀନା ରାଉତରାୟ, ନାରୀ ନେତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ନାରୀ ସଶକ୍ତ ଉପରେ ଆଲୋକପାତ କରିଥିଲେ। ସହଯୋଗୀ ସମ୍ପାଦକ ଶରତ ପଥାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସହ ସମ୍ପାଦକ ରବିନାରାୟଣ କର ସ୍ୱାଗତ ଭାଷଣ ପ୍ରଦାନ କରି ଆଲୋଚନା ଚକ୍ର ବିଷୟରେ ଆଲୋଚନା କରିଥିଲେ।ସମ୍ବର୍ଦ୍ଧିତ ପ୍ରତିଭା ଭାବେ ବରିଷ୍ଠ ସାମ୍ବାଦିକ ଗଦାଧର ପଣ୍ଡା, ହର୍ଷ ବର୍ଦ୍ଧନ ବେହେରା, ଯାଜପୁର ରୋଡ଼ ଥାନା ଅଧିକାରୀ ଆଶୀଷ କୁମାର ସାହୁ, ଖଣି ବିଭାଗ ଯନ୍ତ୍ରୀ ଦିଲ୍ଲୀପ ବାନାର୍ଜୀ,ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ପ୍ରବୀଣା ସାମଲ, ଶ୍ରେଷ୍ଠ ଦମ୍ପତି ରଂଜିତା ସ୍ୱାଇଁ ଓ ଓମ ପ୍ରକାଶ ସ୍ୱାଇଁ, ନବଉତ୍କଳ ମହିଳା ସମିତିର ସୁଜାତା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ମଦନ ପାଣି ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀ, ନିରଞ୍ଜନ ଘଡ଼ାଇ, ଡ. କୁଶ ଚନ୍ଦ୍ର ପ୍ରଧାନ, ନାରୀ ନେତ୍ରୀ ଜୟନ୍ତୀ ଜେନା, ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀ, ବାବୁରାମ ଜେନା, ବିଜୟ କୁମାର ସାହୁଙ୍କ ସମେତ ସାହିତ୍ୟିକ, ବୁଦ୍ଧିଜୀବୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗୀତାରେ କେନ୍ଦ୍ରାପଡାର ପ୍ରତିଯୋଗୀଙ୍କ ସଫଳତା

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କଟକସ୍ଥିତ ଚୌଧୁରୀ ବଜାରର କଳିଙ୍ଗ ଜିମନାସିୟମ୍‌ଠାରେ ଚଳିତ ମାସ ଦୁଇଦିନିଆ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି।୧୪ରୁ ୧୬ ବର୍ଷ ବାଳିକା ବିଭାଗରେ କୁମାରୀ ଅରପନା ମହନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାୟତ୍ରୀ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ୧୮ରୁ ୨୧ ବର୍ଷ ବାଳକ ବିଭାଗରେ ଶ୍ରୀକୃଷ୍ଣ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ, ୨୧ରୁ ୨୫ ବର୍ଷ ବାଳିକା ବିଭାଗରେ ଶୁଭଶ୍ରୀ ସରିତା ରାଉତ ପ୍ରଥମ ସ୍ଥାନ ହାସଲ କରି ଅତିଥିମାନଙ୍କ ହସ୍ତରୁ ପୁରସ୍କାର ଗ୍ରହଣ କରିଥିଲେ।ଏହି ପ୍ରତିଯୋଗିତାରେ ମାନସ କୁମାର ଓଝା ଦଳ ପରିଚାଳକ ଭାବେ ଏବଂ ପୁନମ ସେଠୀ ପ୍ରଶିକ୍ଷକଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗୀମାନଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ନବକୃଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ଯୋଗାସନ ସଂଘର ସମ୍ପାଦକ ମଧୁସୂଦନ ଦାସ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



# ବରୀରେ ଅଭିଯୋଗ ଶୁଣାଣି: ୬୭ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ




ପ୍ରକାଶ କରିଥିଲେ। ମୋଟ ୬୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୧ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଯାଜପୁର, ପ୍ରଶାନ୍ତ କୁମାର ମାଝୀ , ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବରୀ, ମିନତୀ ଜଗଦେବ, ତହସିଲଦାର, ବରୀ, ଦିପ୍ତିମୟୀ ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଜିଲ୍ଲା ପୋଲିସ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପରିବେଶ ସୁରକ୍ଷା ଓ ସବୁଜ ବୌଦ୍ଧ ଗଠନର ଲକ୍ଷ୍ୟ ନେଇ ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ




କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଏହି ଅବସରରେ ‘ବୃକ୍ଷରୋପଣ ହିଁ ଜୀବନ ଜୀବିକାର ଆଧାର ବାର୍ତ୍ତା ଦେଇ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଅତିକମ୍‌ରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ କରାଯାଇଥିଲା। ବୃକ୍ଷ ହେଉଛି ଜୀବନର ଅମୂଲ୍ୟ ସମ୍ପଦ। ଏହା ବିଶୁଦ୍ଧ ବାୟୁ, ବର୍ଷା, ଜୀବବୈବିଧ୍ୟର ସୁରକ୍ଷା ଏବଂ ପରିବେଶର ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶେଷରେ ସମସ୍ତଙ୍କୁ ବୃକ୍ଷରୋପଣ କରି ପ୍ରକୃତିର ସୁରକ୍ଷା କରିବାସହ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସୁନ୍ଦର ଓ ସୁସ୍ଥ ପରିବେଶ ଗଢ଼ି ତୋଳିବାକୁ ବୌଦ୍ଧ ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।

# ଆରଆଇ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣ ପାଇଁ ଦାବିପତ୍ର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଠାରେ ପ୍ରସ୍ତାବିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣକୁ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ କରାଯିବା ଦାବିରେ ଶନିବାର ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ହରଭଙ୍ଗାରେ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକରି ଆସୁଥିଲା। ହେଲେ ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟା ପରେ ଏହାକୁ ଅସ୍ଥାୟୀ ଭାବେ ଛତ୍ରଙ୍ଗକୁ ସ୍ଥାନାନ୍ତର କରାଯାଇଥିଲା। ସେହି ସମୟଠାରୁ ’ହରଭଙ୍ଗା ଆରଆଇ ସର୍କଲ’ ନାମରେ ଛତ୍ରଙ୍ଗଠାରୁ କାର୍ଯ୍ୟ ପରିଚାଳିତ ହୋଇଆସୁଛି। ବର୍ତ୍ତମାନ ହରଭଙ୍ଗାରେ ଆରଆଇ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣ ପାଇଁ ୭୩ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଥିବା ବେଳେ, ହରଭଙ୍ଗାରେ ପୂର୍ବରୁ ଆରଆଇ କାର୍ଯ୍ୟାଳୟ ନାମରେ ଅଧା ଏକରରୁ ଅଧିକ ସରକାରୀ ଜମି ଉପଲବ୍ଧ ଥିବାରୁ ସେହି ସ୍ଥାନରେ ହିଁ ନୂତନ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଅଞ୍ଚଳର ଲୋକେ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ବେଳେ, ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର ଏହି ପ୍ରକଳ୍ପର କାର୍ଯ୍ୟ ହରଭଙ୍ଗାରେ ଆରମ୍ଭ କରାଯିବ ବୋଲି ସେମାନେ ଦାବି ଜଣାଇଛନ୍ତି।

# ବିଏମ୍‌ସି ୨୬-୨୭ ବଜେଟ୍ : ଆକାର ୭୦୦ କୋଟି, ଆସିଛି ୪୮ କୋଟି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚରେ ବ୍ରହ୍ମପୁର ମହାନଗର ନିଗମର ପ୍ରାକ୍ ବଜେଟ୍ ଆଲୋଚନା ହେଲା । ଏପ୍ରିଲ୍‌ରେ ୭୦୦ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ କାଉନ୍‌ସିଲ୍‌ରେ ପାରିତ ହୋଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଗଲା। ଏ ଭିତରେ ତିନି ମାସ ଗଲାଣି। ବିଇଏମ୍‌ସିର ପୂର୍ଣ୍ଣାଙ୍ଗ ବଜେଟ୍ ବିଭାଗରେ ଅନୁମୋଦନ ହୋଇଥିବା ନେଇ କୌଣସି ଖବର ନାହିଁ । ୨୦୨୬-୨୭ ଆର୍ଥିକ ବର୍ଷର ୪ ମାସ ଅତିକ୍ରମ ହୋଇଗଲାଣି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୬୭ଟି ପ୍ରକଳ୍ପ ପାଇଁ ୪୮ କୋଟି ଟଙ୍କା ଆସିଥିବା ସୂଚନା ମିଳିଛି । ନିର୍ବାଚିତ କାଉନ୍‌ସିଲର ଏହା ଶେଷ ବର୍ଷ। ହାତରେ ଆଉ ୬ ମାସରୁ ବେଶି ନାହିଁ। କାମ ଦାମ କରି ଦେଖାଇଲେ ପୁଣି ଭୋଟ ପାଇଁ ଓହ୍ଲାଇବେ । ଏପଟେ ପୂର୍ଣ୍ଣାଙ୍ଗ ବଜେଟ୍ ଅନୁମୋଦନ ନକରି ବିଭାଗ ଭାଗ ଭାଗ କରି ଆକ୍ସନ ପ୍ଲାନ୍ ମାଗୁଛି । ପ୍ରକଳ୍ପ ଅନୁମୋଦନ କରୁଛି ଏବଂ ଟଙ୍କା ପଠାଉଛି । ୨୦୨୫-୨୬ ଆରର୍ଥିକ ବର୍ଷରେ ବିଇଏମ୍‌ସି ୫୫୦କୋଟି ଟଙ୍କାର ବଜେଟ୍ ପଠାଇଥିଲା । ମାର୍ଚ୍ଚରେ ବିଭାଗକୁ ବଜେଟ୍ ପଠାଇ ସାରିଥିଲା । ଏହାକୁ ଅନୁମୋଦନ ନ କରି ବିଭାଗ ୧୩୪ କୋଟି ଟଙ୍କାର ଆକ୍ସନ୍ ପ୍ଲାନ୍ ମାଗିଥିଲା। ଏ ବର୍ଷ ବି ସମାନ ଧରଣର କାର୍ଯ୍ୟକଳାପ ଚାଲିଛି । ଏପ୍ରିଲ୍ ୨୪ ପୂର୍ଣ୍ଣାଙ୍ଗ ବଜେଟ୍ ବୈଠକ ବସିବା ବେଳକୁ ରାଜ୍ୟ ସରକାର ବିଇଏମ୍‌ସିକୁ ଆକ୍ସନ୍ ପ୍ଲାନ୍ ମାଗିଲେ । ଯାହାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ପୂର୍ବ ବର୍ଷର ଉଦାହରଣ ଦେଲେ। ୪ ଟି ବର୍ଗରେ ୧୪୭.୦୭ କୋଟି ଟଙ୍କାର ଆକ୍ସନ୍ ପ୍ଲାନ୍ କରି ପଠାଇବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି କରିଥିଲା । ଏମ୍‌ଏସ୍‌ବିୱାଇରେ ୩୭.୫୬ କୋଟି ଏବଂ ସ୍ୱଚ୍ଛ ଓଡ଼ିଶା ଯୋଜନାରେ ୬.୭୨ କୋଟିର ଆକ୍ସନ୍ ପ୍ଲାନ୍ ମାଗିଥିଲା ବିଭାଗ। ୬୮.୦୨ କୋଟି ଟଙ୍କାର ଷଷ୍ଠ ଷ୍ଟେଟ୍ ଫାଇନାନ୍ସ କମିଶନ ଗ୍ରାଂଟ୍ ଏବଂ ୩୭.୭୭ କୋଟି ଟଙ୍କାର ଷୋଡ଼ଶ ଫାଇନାନ୍ସ କମିଶନ ଗ୍ରାଂଟ୍‌ର ମଧ୍ୟ ଆକ୍ସନ୍ ପ୍ଲାନ୍ ପଠାଇବାକୁ କୁହାଯାଇଥିଲା । ଟେଣ୍ଡର ଆହ୍ୱାନ ପାଇଁ ପ୍ରସ୍ତୁତ ହୋଇଥିବା ବା ୨୦୨୬-୨୭ ବର୍ଷ ବଜେଟ୍‌ରେ ସ୍ଥାନିତ ହୋଇଥିବା ୬୭ଟି ପ୍ରକଳ୍ପକୁ ଆକ୍ସନ୍ ପ୍ଲାନ୍‌ରେ ସ୍ଥାନ ଦିଆଯାଇଥିଲା । ଏ ବାବଦରେ ୪୮ କୋଟି ଟଙ୍କାର ବ୍ୟୟବରାଦକୁ ନିକଟରେ ବିଭାଗ ମଞ୍ଜୁର କରିଥିବା ସୂଚନା ମିଳିଛି । ଅଥଚ ପୂର୍ଣ୍ଣାଙ୍ଗ ବଜେଟ୍‌କୁ ବିଭାଗୀୟ ଅନୁମୋଦନ ମିଳିନି । ୨୦୨୫-୨୬ ଆର୍ଥିକ ବର୍ଷ ପୂର୍ବରୁ ଅନେକ ବଡ଼ ପ୍ରକଳ୍ପ ଆରମ୍ଭ ହୋଇଥିଲା । ବିଶେଷ କରି ସହରର ୪୦ଟି ପୋଖରୀ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାମ ହାତକୁ ନିଆଯାଇଥିଲା । ପ୍ରାୟ ଶହେ କୋଟି ଟଙ୍କାରେ କେବଳ ପୋଖରୀ ଉନ୍ନତିକରଣ ହୋଇଥାନ୍ତା । ହେଲେ ବିଭାଗର ୧୩୪ କୋଟି ଆକ୍ସନ୍ ପ୍ଲାନ୍ ଭିତରେ ପୋଖରୀ କାର୍ଯ୍ୟକୁ ମିଳିଥିଲା ମାତ୍ର ୨ କୋଟି। ଯାହା ଫଳରେ ଏକାସାଙ୍ଗରେ ସବୁ ପୋଖରୀ କାମ ବନ୍ଦ ହୋଇଯାଇଥିଲା । ଏଭଳି ଆହୁରି ଅନେକ ମାକ ଅଟକି ପଡିଛି । ଏବେ ଚିନ୍ତା ସ୍ୱାୟତ ଶାସନ ପାଳନ କିଭଳି ହେବ । ଉତ୍ସବକୁ ଆଉ ମାସେ ବାକି । ବଜେଟ୍ ଅନୁମୋଦନ ହୋଇନି କି ବଡ଼ ପ୍ରକଳ୍ପ ପାଇଁ ବିଇଏମ୍‌ସିର ଆକ୍ସନ୍ ପ୍ଲାନ୍ ନାହିଁ । ବିଭାଗ ମାଗିଥିବା ଆକ୍ସନ୍ ପ୍ଲାନରେ ରାସ୍ତା, ଡ୍ରେନ୍, ଗୋଷ୍ଠୀ ଗୃହ, କଲ୍ୟାଣମଣ୍ଡପ ଛଡ଼ା ଆଉ କିଛି ନାହିଁ। ସ୍ୱାୟତ ଶାସନ ଦିବସରେ ସହରବାସୀଙ୍କୁ କିପରି ସନ୍ତୁଷ୍ଟ କରିବେ ତାକୁ ନେଇ ଚିନ୍ତାରେ ନିର୍ବାଚିତ ପ୍ରତିନିଧି । ଏ ପ୍ରସଙ୍ଗରେ ମେୟର ସଂଘମିତ୍ରା ଦଳେଇ କହିଛନ୍ତି, ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ ଆକ୍ସନ୍ ପ୍ଲାନର ପ୍ରଥମ ପର୍ଯ୍ୟାୟ ଅନୁଦାନ ଆସିଛି । କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ହୋଇନି । ପୂର୍ବରୁ ରାଜ୍ୟ ଫାଇନାନ୍ସ କମିଶନ ଅର୍ଥ ବିଇଏମ୍‌ସିକୁ ମିଳୁଥିଲା ଏବଂ ବିଇଏମ୍‌ସି ତାର ଆକ୍ସନ ପ୍ଲାନ୍ କରୁଥିଲା। ଏବେ ଆକ୍ସନ୍ ପ୍ଲାନ୍ ପଠାଇ ବିଭାଗରୁ ଅନୁମୋଦନ ପରେ ଅନୁଦାନ ଆସୁଛି ବୋଲି ସେ କହିଛନ୍ତି।

# ଚିକିଟିରେ ସ୍ଥାପନ ହେବ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ


**ବ୍ରହ୍ମପୁରଃ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍‌ରେ ଏକ ନୂତନ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଛି। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ପ୍ରସ୍ତାବରେ ଅନୁମୋଦନ ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନିକଟକୁ ପଠାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅଜୟ ପାତ୍ର ସୂଚନା ଦେଇଛନ୍ତି । ଚିକିଟି ବ୍ଲକ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବିକୁ ନେଇ କିଛି ମାସ ପୂର୍ବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଏହାପରେ ପ୍ରକ୍ରିୟା ଆଗକୁ ବଢ଼ିଥିବା ଜଣାପଡ଼ିଛି । ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର, ଆସିକା, ଗୋପାଳପୁର ଓ ହିଞ୍ଜିଳିକାଟୁ ସମେତ ମୋଟ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟ କରୁଛି। ଚିକିଟି ବ୍ଲକ୍ ପାଇଁ ପ୍ରସ୍ତାବିତ ବିଦ୍ୟାଳୟକୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଅନୁମୋଦନ ମିଳିଲେ ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଖ୍ୟା ୯କୁ ବୃଦ୍ଧି ପାଇବ । ଚିକିଟି ବ୍ଲକ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେଲେ ଉକ୍ତ ଅଞ୍ଚଳ ସମେତ ଆଖପାଖ ଅଚଳର ପଛୁଆ ବର୍ଗର ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ପାଇବାର ସୁଯୋଗ ପାଇବେ । ଏଥି ସହ ସେମାନଙ୍କ ଶିକ୍ଷାଗତ ମାନରେ ଉନ୍ନତି ଆସିବା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମଧ୍ୟ ଏକ ସୁଦୃଢ଼ ଭିତି ସୃଷ୍ଟି ହେବ। ସେହିପରି ଗଞ୍ଜାମ ଜିଲ୍ଲାର ଆଉ ୩ଟି ବ୍ଲକ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ଶିକ୍ଷା ବିଭାଗ ନିକଟକୁ ପୃଥକ୍ ପ୍ରସ୍ତାବ ପଠାଯାଇଥିବା ସୂଚନା ମିଳିଛି। ଏନେଇ ଚିକିଟି ବିଧାୟକ ଶ୍ରୀ ସାମନ୍ତରା କହିଛନ୍ତି ବିରୋଧି ଦଳରେ ରହିବା ଦିନରୁ ବିଧାୟକ ହେବା ପରେ ମଧ୍ୟ ଚିକିଟିର ସର୍ବାଙ୍ଗୀନ ବିକାଶ ଲାଗି ଉଦ୍ୟମ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ ସହିତ ପାଖରେ ରହି ସମସ୍ତ କାଗଜପତ୍ର କାର୍ଯ୍ୟ ଅନୁଧ୍ୟାନ ପରେ ସମ୍ପ୍ରତି ଚିକିଟିରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ସବୁଜ ସଙ୍କେତ ମିଳିବାକୁ ଯାଉଛି । ଯାହା ଆମ ଅଞ୍ଚଳର ବିକାଶ ମାଇଲ୍‌ଖୁଣ୍ଟ ହେବ । ଅନ୍ୟ ଅଞ୍ଚଳ ଭଳି ଆମ ଅଞ୍ଚଳର ପିଲାମାନେ ମଧ୍ୟ ଉତ୍ତମ ଶିକ୍ଷା ପାଇପାରିବେ । ସୂଚନାଯୋଗ୍ୟ ଚିକିଟି ନିର୍ବାଚନମଣ୍ଡଳୀର ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ସୁରଙ୍ଗୀଠାରେ ନବୋଦୟ ବିଦ୍ୟାଳୟ ରହିଥିବା ବେଳେ ଏବେ ଚିକିଟିରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବା ପ୍ରସଙ୍ଗ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ତେଜିଲା ଯୁଦ୍ଧ ବଢ଼ିଲା ତୈଳ ସଂକଟ

ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ିଚାଲିଛି ଅଶାନ୍ତି । ପ୍ରଭାବରେ ଅଶୋଧିତ ତୈଳ ଦର ଏବେ ଉପରମୁହାଁ । ଆଜି ଏହା ୬%ରୁ ଅଧିକ ବଢ଼ି ୧୦୦ ଡଲାର ପାର କରିଯାଇଛି । ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ୧୦୦.୪ ଡଲାରରେ ପହଞ୍ଚିଛି । ଅନ୍ୟପକ୍ଷରେ, ଡବ୍ଲ୍ୟୁଟିଆଇ କ୍ରୁଡ୍ ୫%ରୁ ଅଧିକ ବଢ଼ି ୯୧.୪୫ ଡଲାର ହୋଇଛି । ଏହା ପୂର୍ବ ୬ ସପ୍ତାହ ମଧ୍ୟରେ ସର୍ବବୃହତ୍ ସ୍ତର । ଅଶୋଧିତ ତୈଳ ଦରରେ ବୃଦ୍ଧି ଦ୍ୱାରା ଭାରତରେ ଦରଦାମ ସ୍ଥିତି ଉତ୍କଟ ହେବ । ତୈଳ ବିପଣନ କମ୍ପାନିଗୁଡ଼ିକର ଇନ୍ଧନ ବାବଦ ଲାଭ ଉପରେ ପଡ଼ିବ ଚାପ । ଯଦି ଲମ୍ବା ସମୟ ଧରି ତୈଳ ମହଙ୍ଗା ରହିବ ତେବେ ପେଟ୍ରୋଲ ଏବଂ ଡିଜେଲ ଦର ପୁନଃ ବଢ଼ିଚାଲିବ । ଅତ୍ୟାବଶ୍ୟକ ସାମଗ୍ରୀ ଦର ମୁଣ୍ଡବ୍ୟଥାର କାରଣ ପାଲଟିବ । ପୁଞ୍ଜି ବଜାରରେ ବି ପ୍ରଭାବ ଦେଖିବାକୁ ମିଳିବ । ତୈଳ ଦରରେ ହଠାତ ଆସିଥିବା ଏହି ବୃଦ୍ଧିର ବଡ଼ କାରଣ ହେଉଛି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବଲୀଳା । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଅଶାନ୍ତି ସହ ଏବେ ଏହି ବିବାଦ ପର୍ସିଆନ୍ ଗଲ୍ଫର ଅନ୍ୟ ପ୍ରାନ୍ତକୁ ବ୍ୟାପିଗଲାଣି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୟେମେନର ହୂତୀ ବିଦ୍ରୋହୀ ଲୋହିତ ସାଗରରେ ସାଉଦି ଆରବର ତେଲ ଟ୍ୟାଙ୍କରଗୁଡ଼ିକ ଉପରେ ହମଲା କରୁଛନ୍ତି । ଏହି ହମ୍ଲା ହୂତୀ ଗ୍ରୁପ୍ ପକ୍ଷରୁ ବାବ୍ ଅଲ୍- ମନ୍ଦେବ ଜଳମାର୍ଗରେ ନାକାବନ୍ଦୀ ଘୋଷଣା କରାଯିବାର ଠିକ୍ ଦିନକ ପରେ ହୋଇଛି, ଯାହାଦ୍ୱାରା ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳ ଉପରେ ଭୟଙ୍କର ବିପତ୍ତି ମାଡ଼ିଆସିଲାଣି । ବାବ୍-ଅଲ୍-ମନ୍ଦେବ ଜଳମାର୍ଗର ବିଶେଷତ୍ୱ ହେଉଛି ବିଶ୍ୱ ସାମୁଦ୍ରିକ କାରବାରର ୧୦% ଏହି ମାର୍ଗ ଦେଇ ହୋଇଥାଏ । ଦୈନିକ ୬୦ରୁ୭୦ ଲକ୍ଷ ବ୍ୟାରେଲ ତେଲ ଏହି ବାଟ ଦେଇ ପରିବହନ ହୋଇଥାଏ । ସୁଏଜ୍ କେନାଲ ଜରିଆରେ ଏହା ୟୁରୋପ ଏବଂ ଏସିଆକୁ ଯୋଡ଼ିଥାଏ । ଏଠାରେ ଅସ୍ଥିରତା ଯୋଗୁ ଏସୀୟ ଏବଂ ୟୁରୋପୀୟ ଦେଶକୁ ତୈଳ ଯୋଗାଣ ବାଧା ପାଇବ । ଅଶୋଧିତ ତୈଳ ଦର ବୃଦ୍ଧିର ସିଧା ପ୍ରଭାବ ଭାରତର ତୈଳ ବିପଣନ କମ୍ପାନିଗୁଡ଼ିକ ଉପରେ ଆଜି ପଡ଼ିଛି । ହିନ୍ଦୁସ୍ତାନ ପେଟ୍ରୋଲିୟମର ସେୟାର ମୂଲ୍ୟରେ ୨.୫୦% ହ୍ରାସ ଦେଖାଦେଇଛି । ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମର ସେୟାର ମୂଲ୍ୟରେ ଯଥାକ୍ରମେ ୨% ଏବଂ ୧% ହ୍ରାସ ଘଟିଛି । ଭାରତ ଏହାର ଆବଶ୍ୟକତାର ପ୍ରାୟ ୮୫% ଅଶୋଧିତ ତୈଳ ଆମଦାନି ମାଧ୍ୟମରେ ପୂରଣ କରିଥାଏ । ଅଶୋଧିତ ତୈଳ ମହଙ୍ଗା ହେବା ଦ୍ୱାରା ଦେଶର ଆମଦାନି ବିଲ୍ ବଢ଼ିବ, ଯଦ୍ଦ୍ୱାରା ଦରଦାମ ବଢ଼ିବା ସହ କମ୍ପାନିଗୁଡ଼ିକର ଲାଭ ଉପରେ ଚାପ ପଡ଼ିବ । ବ୍ଲୁମ୍ବର୍ଗର ରିପୋର୍ଟ ଅନୁସାରେ, କତାର ଏନର୍ଜି ଅକ୍ଟୋବର ମଧ୍ୟଭାଗ ପର୍ଯ୍ୟନ୍ତ ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ ଅର୍ଥାତ ଏଲ୍ଏନଜିର ପରିବହନ ଉପରେ 'ଫୋର୍ସ ମେଜ୍ୟୋର' କୁ ଆଗକୁ ବଢ଼ାଇବାକୁ ପ୍ରସ୍ତୁତି କରୁଛି । କତାର ଜୁନରେ ହିଁ ଏସିଆ ଏବଂ ୟୁରୋପର କିଛି ଗ୍ରାହକଙ୍କୁ ସୂଚିତ କରିଥିଲା ଯେ, ଅଗଷ୍ଟ ଏବଂ ସେପ୍ଟେମ୍ବରର କାର୍ଗୋ ରଦ୍ଦ ରହିବ । ଯଦି ଏହି କଟକଣା ଅଧିକ ଦିନ ପର୍ଯ୍ୟନ୍ତ ରୁହେ ତେବେ ଶୀତ ଆରମ୍ଭ ହେବା ପୂର୍ବରୁ ଗ୍ୟାସ୍ ସଂକଟ ସମଗ୍ର ବିଶ୍ୱରେ ଗମ୍ଭୀର ହୋଇଯିବ । କାରଣ ୟୁରୋପ ଏବଂ ଏସୀୟ ଦେଶ ସୀମିତ ଏଲ୍ଏନଜି ପାଇଁ ଟଣାଓଟରା ହେବେ ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା। ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ। ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ଼ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି। ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବା ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ । ◆◆

# ଆଧ୍ୟାତ୍ମିକ ଭାବନା : ଅଧରପଣା ନୀତି



ଲଳିତ ମୋହନ ମିଶ୍ର
ନୟାଗଡ଼, ୯୪୩୭୯୮୫୮୬୬

ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ପ୍ରଭୁ ଶ୍ରୀମନ୍ଦିରକୁ ଯିବା ପୂର୍ବରୁ ଲାଗିହୁଏ ଅଧରପଣା ନୀତି । ସିଂହଦ୍ୱାରଠାରେ ଯେତେବେଳେ ତିନି ରଥ ଉପରେ ଶ୍ରୀଜିଉମାନଙ୍କ ବିରାଜମାନ ସେତେବେଳେ ଅନୁଷ୍ଠିତ ହୁଏ ଅଧରପଣା । ବାହ୍ୟ ଦୃଷ୍ଟିରେ ଏହା ଏକ ପବିତ୍ର ଶୀତଳ ପାନୀୟ ଅର୍ପଣ ପ୍ରତୀୟମାନ ହେଉଥିଲେ ମଧ୍ୟ ତାହାର ମୂଳରେ ରହିଛି ଭାବ-ଭକ୍ତିର ଏକ ନିଗୂଢ଼ ସମନ୍ୱୟ । ଅଧର ଅର୍ଥ ଓଷ୍ଠ। ସାଧାରଣତଃ ଭୋଗ କେବଳ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରେ ଅର୍ପଣ କରାଯାଏ, ମାତ୍ର ଅଧରପଣା ହେଉଛି ଏକମାତ୍ର ନୀତି ଯେଉଁଠାରେ ହାଣ୍ଡିଗୁଡ଼ିକ ଶ୍ରୀଜିଉଙ୍କ ଅଧର ସ୍ପର୍ଶ କରିବା ପରେ ତାହାକୁ ରଥ ଉପରେ ଭାଙ୍ଗି ଦିଆଯାଏ । ଏହା ଦର୍ଶାଏ ଯେ ଯେତେବେଳେ ବ୍ରହ୍ମ ନିଜର ଅଧର ସ୍ପର୍ଶରେ ଜଗତକୁ ସଞ୍ଜୀବିତ କରନ୍ତି, ସେତେବେଳେ ସେହି ରସ ଆଉ କୌଣସି ଗୋଟିଏ ଆଧାର (ମାଠିଆ) ମଧ୍ୟରେ ସୀମିତ ହୋଇ ରହିପାରେ ନାହିଁ। ଆଧାରର ବିନାଶ ହିଁ ଆଧେୟ ଅନନ୍ତତାର ପ୍ରତୀକ। ତନ୍ମାତ୍ର ଓ ପଞ୍ଚଭୂତରେ ଗଢ଼ା ଏହି ଶରୀର ରୂପୀ ଆଧାର ଦିନେ ଭଙ୍ଗ ହୁଏ, ମାତ୍ର ତା' ଭିତରେ ଥିବା ଚେତନା ରୂପୀ ରସ ଅନନ୍ତ ବ୍ରହ୍ମରେ ବିଲୀନ ହୋଇଯାଏ। ଅଧରପଣା ନୀତିରେ ପ୍ରତ୍ୟେକ ରଥରେ ତିନୋଟି ଲେଖାଏଁ ବିଶାଳ ମୃଣ୍ମୟ ପାତ୍ର (ଉଚ୍ଚତା ପ୍ରାୟ ଅଧର ପର୍ଯ୍ୟନ୍ତ) ରଖାଯାଏ । ସର୍ବ ମୋଟ ନଅଟି ହାଣ୍ଡିରେ ଏହି ପଣା ଭୋଗ ହୁଏ। ଏହି ପାତ୍ରଗୁଡ଼ିକ କଞ୍ଚା ମାଟିରେ ତିଆରି ଏବଂ ସମ୍ପୂର୍ଣ୍ଣ ସୂଚ୍ୟଗ୍ର। ଏହା ମାନବ ଶରୀରର ନଶ୍ୱରତା ଏବଂ ପଞ୍ଚଭୂତର ଅସ୍ଥାୟୀ ସଂରଚନାକୁ ସୂଚାଏ। ତିନୋଟି ପାତ୍ର ସତ୍ତ୍ୱ, ରଜଃ ଓ ତମଃ - ଏହା ତ୍ରିଗୁଣର ପ୍ରତୀକ। ଶ୍ରୀଜିଉଙ୍କ ସ୍ପର୍ଶରେ ଏହି ତ୍ରିଗୁଣ ଆତ୍ମ-ସଂଶୋଧିତ ହୋଇ ବିଶୁଦ୍ଧ ଚେତନାରେ ରୂପାନ୍ତରିତ ହୁଏ। ଅଧରପଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି - ଏହି ପଣା ମାନବ ସେବନ ପାଇଁ ନୁହେଁ। ପଣା ସମର୍ପଣ ପରେ ମାଠିଆ ଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ, ଯାହା ରଥର କାଠ, ଚକ, ଏବଂ ଚତୁଃପାର୍ଶ୍ୱରେ ପ୍ରବାହିତ ହୋଇ ପୃଥିବୀରେ ସମାହିତ ହୋଇଯାଏ। ସଂସାରର କେବଳ ଦୃଶ୍ୟମାନ ଜୀବ ନୁହନ୍ତି, ବରଂ ଅଦୃଶ୍ୟ ଅଶରୀରୀ ଆତ୍ମା, ଯକ୍ଷ, ରାକ୍ଷସ, ପ୍ରେତ, ଓ ପାର୍ଶ୍ୱ ଦେବଦେବୀ - ଯେଉଁମାନେ ଶ୍ରୀମନ୍ଦିରର ନିତ୍ୟ ନୀତିରେ ପ୍ରତ୍ୟକ୍ଷ ଭାଗ ନେଇପାରନ୍ତି ନାହିଁ, ସେମାନଙ୍କ ଉଦ୍ଧାର ପାଇଁ ବ୍ରହ୍ମଙ୍କର ଏହା ଏକ ପରମ କାରୁଣିକ ବିସର୍ଜନ । ଜଣେ ଭକ୍ତ ପାଇଁ ଏହି ନୀତି ଶିଖାଏ ଯେ ଶ୍ରେଷ୍ଠ ବସ୍ତୁକୁ କେବଳ ନିଜେ ଉପଭୋଗ କରିବାର ନାମ ଭକ୍ତି ନୁହେଁ। ଅହଂକାର ଏବଂ ସଞ୍ଚୟ ମାନସିକତାକୁ ଭାଙ୍ଗି ସମଗ୍ର ସୃଷ୍ଟିକୁ ବ୍ରହ୍ମପ୍ରସାଦ ବାଣ୍ଟିଦେବା ହିଁ ପ୍ରକୃତ ପ୍ରସାଦ ମହତ୍ତ୍ୱ । ଉପନିଷଦରେ ବ୍ରହ୍ମଙ୍କୁ ରସ (ରସୋ ବୈ ସଃ) ବୋଲି କୁହାଯାଇଛି। ଅଧରପଣାରେ ଦୁଗ୍ଧ, ଛେନା, କଦଳୀ, ସର, ଗୋଲମରିଚ, ଜାଇଫଳ, କର୍ପୂର, ଏବଂ ସୁଗନ୍ଧିତ ଦ୍ରବ୍ୟର ସମ୍ମିଶ୍ରଣ ହୋଇଥାଏ।ଏହି ସମସ୍ତ ଭାବର ଏକତ୍ରୀକରଣ ହୋଇ ଯେତେବେଳେ ଭଗବାନଙ୍କୁ ଅର୍ପଣ କରାଯାଏ, ତାହା କେବଳ ଏକ ଆହାର ରହେନାହିଁ, ତାହା ଜୀବନର ସାମଗ୍ରିକ ଅନୁଭୂତିକୁ ବ୍ରହ୍ମରସରେ ରୂପାନ୍ତରିତ କରିବାର ପ୍ରକ୍ରିୟା ପାଲଟିଯାଏ । ଅଧରପଣା କେବଳ ବେଦାନ୍ତ ଓ ସାଂଖ୍ୟ ଦର୍ଶନରେ ସୀମିତ ନୁହେଁ । ଏହା ଭିତରେ ରହିଛି ଗଭୀର ତାନ୍ତ୍ରିକ, ମାନସିକ ଓ ଜଗନ୍ନାଥ ସଂସ୍କୃତିର କାଳଜୟୀ ରହସ୍ୟ । ରୀତି କବିତାମାନଙ୍କରେ ବର୍ଣ୍ଣିତ ଅଛି ଯେ, ଗୋପପୁରରେ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ନିଜ ଅଧର-ରସପାନ କରାଇ ଆପ୍ୟାୟିତ କରୁଥିଲେ, ସେହି ପୂର୍ଣ୍ଣଚନ୍ଦ୍ର ଶ୍ରୀଜଗନ୍ନାଥ ରୂପରେ ରଥ ଉପରେ ବିରାଜମାନ ହୋଇ ସମଗ୍ର ଜଗତକୁ ନିଜ ଅଧରପଣା ମାଧ୍ୟମରେ ସେହି ସମାନ ପ୍ରେମରସ ବାଣ୍ଟିଥାନ୍ତି। କର୍ପୂର କଦଳୀ ମାରୀଚ ସୁବାସ, ଅଧର-ପରଶେ ପଣା ହେଲା ରସ। ଭାଙ୍ଗିଲା ମାଠିଆ ବୋହିଲା ଧରା, ତୃପ୍ତି ପାଇଲେ ଯେ ଯେତେକ ଅସୁରା ?




ସୃଷ୍ଟି-ସ୍ଥିତି-ପ୍ରଳୟର ତ୍ରିବିଧ ଚକ୍ର - ରଥ ଉପରେ ହାଣ୍ଡି ରଖାଯିବା ଏବଂ ସେଥିରେ ପଣା ପ୍ରସ୍ତୁତ ହୋଇ ଅର୍ପଣ କରାଯିବା ତାହାକୁ ଶେଷରେ ଭାଙ୍ଗିଦିଆଯିବା - ଏହା ସଂସାରର ନିରନ୍ତର ଚକ୍ରକୁ ଦର୍ଶାଏ । ଉତ୍ପତ୍ତି (ସୃଷ୍ଟି) - ମାଟିରୁ ହାଣ୍ଡି ଗଢ଼ାଯିବା ଏବଂ ସେଥିରେ ପଣା ପ୍ରସ୍ତୁତି। ସ୍ଥିତି - ଶ୍ରୀଜିଉଙ୍କ ଅଧର ସ୍ପର୍ଶ ଓ ସମର୍ପଣର ପବିତ୍ର ମୁହୂର୍ତ୍ତ । ପ୍ରଳୟ/ବିଲୟ - ହାଣ୍ଡି ଭଙ୍ଗାଯାଇ ସମସ୍ତ ପଣା ପୃଥିବୀରେ ବିସର୍ଜିତ ହେବା । ସଂସାରରେ ଯାହା ସୃଷ୍ଟି, ତାହା ଭଗବତ୍ ସ୍ପର୍ଶରେ ପବିତ୍ର ହୋଇ ଶେଷରେ ମୂଳ ସତ୍ତାରେ ହିଁ ବିଲୀନ । କୌଣସି ବସ୍ତୁ ବା ସ୍ଥିତି ସଦାସର୍ବଦା ସ୍ଥାୟୀ ନୁହେଁ।

ଅଧରପଣା ଓ ରଥ ଶୋଧନ (ଶାକ୍ତ/ତାନ୍ତ୍ରିକ ପ୍ରଭାବ) - ଜଗନ୍ନାଥ ସଂସ୍କୃତିରେ ବୈଷ୍ଣବ, ଶାକ୍ତ, ଶୈବ ଓ ତାନ୍ତ୍ରିକ ସାଧନାର ପରମ ସମନ୍ୱୟ ଦେଖିବାକୁ ମିଳେ। ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ, ନାନାଦି ଶକ୍ତିର ପ୍ରଭାବ ଏବଂ ଅଦୃଶ୍ୟ ଆତ୍ମାଙ୍କ ସମାଗମ ହୋଇଥାଏ।

ଅଧରପଣା ଭାଙ୍ଗି ରଥର ରକ୍ଷାକାରୀ ପାର୍ଶ୍ୱ ଦେବଦେବୀ, ରଥଦେବତା ଏବଂ ଦିଗପାଳମାନଙ୍କୁ ତୃପ୍ତ କରାଯାଏ। ଏହାଦ୍ୱାରା ରଥ ଶୋଧିତ ବା ନିଷ୍କଳୁଷ ହୁଏ, ଯାହା ଫଳରେ ମହାପ୍ରଭୁ ଶ୍ରୀମନ୍ଦିରକୁ ନିରୁପଦ୍ରବରେ ବାହୁଡି ଯିବା ପାଇଁ ପ୍ରକୃତି ଓ ପରିବେଶ ସମ୍ପୂର୍ଣ୍ଣ ପ୍ରସନ୍ନ ହୁଅନ୍ତି। ସେବକ-ଭଗବାନ-ସୃଷ୍ଟିର ତ୍ରିପାକ୍ଷିକ ସମ୍ବନ୍ଧ ଅଧରପଣା ପ୍ରସ୍ତୁତିରୁ ନେଇ ଭଙ୍ଗାଯିବା ପର୍ଯ୍ୟନ୍ତ ଏକ ବିଶେଷ ସମର୍ପଣ ଭାବ ରହିଥାଏ। ରାଘବ ଦାସ ମଠ, ବଡ଼ଛତା ମଠ ଓ ଶ୍ରୀମନ୍ଦିର ସେବାୟତମାନେ ନିଜକୁ ନିଃଶେଷ କରି ପଣା ପ୍ରସ୍ତୁତ କରନ୍ତି । ସେବକମାନେ ଏହି ପ୍ରସାଦକୁ ନିଜ ପାଇଁ ନ ରଖି ସମଗ୍ର ବ୍ରହ୍ମାଣ୍ଡ ପାଇଁ ଉତ୍ସର୍ଗ କରନ୍ତି। ଏହା ମାନବ ମନର ତ୍ୟାଗେନୈକେନ ଅମୃତତ୍ୱମାନଶୁଃ ଅର୍ଥାତ୍ ତ୍ୟାଗ ଦ୍ୱାରା ହିଁ ଅମୃତତ୍ୱ ପ୍ରାପ୍ତି ହୁଏ । ଏହି ମନ୍ତ୍ରକୁ ପ୍ରମାଣିତ କରେ ।

ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ। ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ? ଅଧରପଣାର ମାଠିଆ ଗୁଡ଼ିକ ଅମୃତ ରସରେ ପୂର୍ଣ୍ଣ ଥାଏ। ଭଗବାନଙ୍କ ଅଧର ସ୍ପର୍ଶରେ ତାହା ଆହୁରି ପୂର୍ଣ୍ଣ ହୋଇଯାଏ। ସେହି ପୂର୍ଣ୍ଣତା ଯେତେବେଳେ ଭଙ୍ଗାଯାଇ ଧରା ପୃଷ୍ଠରେ ଢଳାଯାଏ, ତାହା ଭୂମିକୁ ପୂର୍ଣ୍ଣ କରେ, ମାତ୍ର ଭଗବାନଙ୍କ କୃପାମୟ ସତ୍ତାରେ କୌଣସି ଅପୂର୍ଣ୍ଣତା ଆସେ ନାହିଁ। ଜୀବ ଯେତେବେଳେ ନିଜର ସମସ୍ତ ଆସକ୍ତି, ତୃଷ୍ଣା ଭୋଗ ଭାବନାକୁ ଭଗବାନଙ୍କ ଚରଣରେ ସମର୍ପଣ କରେ, ସେତେବେଳେ ସେହି ସାଧାରଣ ଭୋଗ ଭଗବତ୍ ଅଧରର ସ୍ପର୍ଶ ପାଇ ଅମୃତରେ ପରିଣତ ହୁଏ। ମାଟି ମାଠିଆକୁ ଭାଙ୍ଗି ଦେବାର ଆଧ୍ୟାତ୍ମିକ ଭାବ ହେଉଛି ଆମର ଦେହାତ୍ମ ବୁଦ୍ଧି ବା ଅହଂକାରକୁ ଭାଙ୍ଗିଦେବା। ମୁଁ ଓ ମୋର ଭାବ ଭଙ୍ଗ ନହେଲେ ଭଗବାନଙ୍କ କୃପାମୃତ ଜଗତ ସାରା ବ୍ୟାପିପାରେ ନାହିଁ। ଅଧରପଣା କେବଳ ରଥଯାତ୍ରାର ଏକ ଲୌକିକ ସମ୍ପନ୍ନତା ନୁହେଁ । ଏହା ବ୍ରହ୍ମାଣ୍ଡର ସମସ୍ତ ଚେତନ ଓ ଅଚେତନ, ଦୃଶ୍ୟ ଓ ଅଦୃଶ୍ୟ ଜୀବରାଶି ପ୍ରତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମଦୃଷ୍ଟି ଓ କରୁଣାର ଜୀବନ୍ତ ପ୍ରତୀକ। କଞ୍ଚା ମାଟିର ପାତ୍ର ଭାଙ୍ଗି ପଣା ବୋହିଯିବା ଆମକୁ ମନେପକାଇ ଦିଏ - ନଶ୍ୱର ଦେହ ସୀମା ଭିତରୁ ବାହାରି ଆତ୍ମାକୁ ବ୍ରହ୍ମଙ୍କର ଅସୀମ ଆନନ୍ଦ ପ୍ରବାହରେ ସମର୍ପି ଦେବା ହିଁ ଜୀବନର ଚରମ ମୁକ୍ତି।

# ଦେବଦାସୀଙ୍କ ତ୍ୟାଗପୂତ ଜୀବନ ଓ ଏହାର ବିଲୋପ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର,
୯୪୩୭୦୮୪୩୧୨

ପ୍ରଥମେ ଆମମାନଙ୍କର ଜାଣିବା ଦରକାର ଯେ ଦେବଦାସୀ ପ୍ରଥା କ'ଣ ଓ ଏହା କିପରି ପ୍ରଚଳିତ ହୋଇଥଲା । ଦେବା ଦେବୀଙ୍କ ମନ୍ଦିରର ନୃତ୍ୟାଙ୍ଗନା ମାନଙ୍କୁ ଦେବଦାସୀ କୁହା ଯାଉଥିଲା । ରାଜ ସଭାରେ ରାଜ ନର୍ତ୍ତକୀ ମାନଙ୍କ ଅନୁସରଣରେ ଦେଶର ବିଭିନ୍ନ ମନ୍ଦିରରେ ଏହା ପ୍ରଚଳନ ହୋଇଥିଲା। ଦେବତା ମାନଙ୍କ ପ୍ରତି ଏମାନଙ୍କ ନୃତ୍ୟ, ଓ ଜୀବନ ଶୈଳୀ ଏକ ଉତ୍ସର୍ଗୀକୃତ ଜୀବନ କହିଲେ ଅତୁକ୍ତି ହେବ ନାହିଁ। ଯଦିଓ ଏହା ଏକ ପୁରାତନ ପ୍ରଥା ଓ ଶୁଦ୍ଧପୂତ ଜୀବନ ଶୈଳୀ ଆମ ଦେଶରେ ଥିଲା କିନ୍ତୁ ବିଶ୍ୱର ଅନେକ ଦେଶରେ ମଧ୍ୟ ଏହା ପ୍ରଚଳିତ ଥିଲା। ଯେମିତିକି ଗ୍ରୀସ୍‌ର ଭେନସ୍ ଦେବୀଙ୍କ ମନ୍ଦିର, ମିଶରରେ ଓରିସାସ ଓ ଆଇରିସଙ୍କ ମନ୍ଦିରରେ ଏହା ପ୍ରଚଳିତ ଥିଲା। ସୌରାଷ୍ଟ୍ରର ପ୍ରଖ୍ୟାତ ସୋମନାଥ ମନ୍ଦିରରେ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ମହାଦେବଙ୍କ ସମ୍ମୁଖରେ ଦେବଦାସୀ ମାନେ ତାଣ୍ଡବ ନୃତ୍ୟ କରୁଥିଲେ । ଦାକ୍ଷିଣାତ୍ୟର ଚୋଳ, ଚାଲୁକ୍ୟ, ରାଷ୍ଟ୍ରକୁଟ ଓ ପଲ୍ଲବ ବଂଶୀୟ ରାଜାମାନେ ଶିବ ଓ ବିଷ୍ଣୁ ମନ୍ଦିରରେ ନୃତ୍ୟାଙ୍ଗନା ନିଯୁକ୍ତି ଦେଇଥିବାର ପ୍ରମାଣ ରହିଛି । ଓଡ଼ିଶାରେ ଅଷ୍ଟମ ଶତାବ୍ଦୀରେ କେଶରୀ ବଂଶର ରାଜା ଉଦ୍ୟତ କେଶରୀଙ୍କ ମାତା କଳାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱରର ବ୍ରହ୍ମେଶ୍ୱର ଶିବ ମନ୍ଦିରର ଶିଳାଲେଖରୁ ଜଣାପଡ଼େ ଯେ ଶିବଙ୍କ ଆଗରେ ଦେବଦାସୀ ମାନେ ନୃତ୍ୟ କରୁଥିଲେ। ତତ୍ ପୂର୍ବରୁ ଭାରତୀୟ ସମାଜରେ ନଗର ଓ ଜନପଦରେ ନଗର ବଧୂଙ୍କ ନୃତ୍ୟର ଅନେକ ଆଦର ଥିଲା । ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ସାଧକ ମାନଙ୍କ ଦ୍ୱାରା ବାମାଚାରି ତାନ୍ତ୍ରିକ ମାନେ ସର୍ବ ପ୍ରଥମେ ନାରୀ ମାନଙ୍କ ଦ୍ୱାରା ଅଭିଚରିକା କାର୍ଯ୍ୟ ସମ୍ପାଦନ କରାଉଥିଲେ । ବାଚସ୍ପତ୍ୟମ ଗ୍ରନ୍ଥରେ ଲେଖା ଅଛି ଯେ ଯେଉଁ ନୃତ୍ୟାଙ୍ଗନା ମାନେ ନିଜର ବାସନା ଓ ଇନ୍ଦ୍ରିୟ ଦମନ କରି ନିଜକୁ ଦେବତା ମାନଙ୍କୁ ସମର୍ପିତ ହୋଇ ଥାଆନ୍ତି ସେମାନେ ହିଁ ଦେବଦାସୀ । ଭୁବନେଶ୍ୱର ମେଘେଶ୍ୱର ମନ୍ଦିର, ନିଆଳିର ସୋଭନେଶ୍ୱର୍, ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିରରେ ଏହି ମାହାରୀ ବା ଦେବଦାସୀ ନୃତ୍ୟ ପ୍ରଚଳିତ ଥିବାର ଅନେକ ବଳିଷ୍ଠ ପ୍ରମାଣ ରହିଛି। ଚନ୍ଦ୍ରଦତ୍ତଙ୍କ ଭକ୍ତିମାଳ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ 'ଦେବ ଦେବ ଜଗନ୍ନାଥ ଦେବଶର୍ମା। ଦ୍ରବିବ, ବତଃ ଦେବ ଦେବ ଜଗନ୍ନାଥ ପ୍ରସାଦ ଫଳିତୋ ମାମ, ପ୍ରଥମ ତନୟା ଜାତା ପୁତ୍ରସ୍ତୁ ତଦରନ୍ତମ୍, ଅତି ପ୍ରତିଶୃତ୍ୱଂ କନ୍ୟା କଦାପି ପ୍ରତି ଗୃହତମ୍ ।

ଏଥିରୁ ଜଣାପଡ଼େ ଯେ ଦାକ୍ଷିଣାତ୍ୟରେ ଦେବଶର୍ମା ନାମକ ଜଣେ ବ୍ରାହ୍ମଣ ପୁତ୍ର ସନ୍ତାନ ଆଶାକରି ନିଜର ପ୍ରଥମ କନ୍ୟା ପଦ୍ମାବତୀଙ୍କୁ ଜଗନ୍ନାଥଙ୍କ ଦେବଦାସୀ ଭାବେ ସମର୍ପଣ କରିଥିଲେ। ଓଡ଼ିଶାକୁ ଗଙ୍ଗ ବଂଶର ରାଜା ମାନେ ଅଧିକାର କଲାବେଳେ ଏକାଦଶ ଶତାବ୍ଦୀରେ ଦେବଦାସୀ ପ୍ରଥା ପୁରୀ ମନ୍ଦିରରେ ପ୍ରଚଳନ କରିଥିଲେ । ଦିଅଁ ମାନଙ୍କ ବଡ ସିଂହାର ବେଶ ସମୟରେ ଏହି ଦେବଦାସୀମାନେ ମନ୍ଦିରରେ ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଗୀତ ଓ ନାଚରେ ପ୍ରଧାନ ସମ୍ପଦ ଥିଲା। ଦେବଦାସୀ ହେବା ପାଇଁ କିଛି ନିର୍ଦ୍ଦିଷ୍ଟ ନୀତି ନିୟମକୁ ଅନୁସରଣ କରିବାକୁ ପଡୁଥିଲା ଓ ସେମାନେ ଆଜୀବନ ଅବିବାହିତ ରହୁଥିଲେ । ମାଦଳା ପାଞ୍ଜିକୁ ଛାଡିଦେଲେ ଦେବଦାସୀ ପ୍ରଥା ପ୍ରଚଳନର ପ୍ରଥମ ଲିଖିତ ପ୍ରମାଣ କେବଳ ଦିଲ୍ଲୀର ସୁଲତାନ୍ ଫିରୋଜ ଶାହା ତୋଗଲକଙ୍କ ୧୩୬୧ ମସିହାର ଓଡ଼ିଶା ଆକ୍ରମଣ ବିବରଣୀରୁ ଜଣାପଡ଼େ । ଶ୍ରୀ ମନ୍ଦିରର ଜୟ ବିଜୟ ଦ୍ୱାରରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଶିଳାଲେଖରେ ରହିଛି । ୧୪୯୯ ଖ୍ରୀଷ୍ଟାବ୍ଦରେ ଏହା ଆଦେଶ ପ୍ରଦାନ ପୂର୍ବକ କରା ଯାଇଥିଲା ଚତୁର୍ଦ୍ଧା ମୂର୍ତ୍ତିଙ୍କ ବଡ ସିଂହାର ବେଶରେ ଶ୍ରୀ ମନ୍ଦିରରେ ଜୟଦେବ ରଚିତ ଗୀତ ଗୋବିନ୍ଦରେ ଦେବଦାସୀ ମାନେ ନୃତ୍ୟ ପରିବେଷଣ କରୁଥିଲେ । ଦେବଦାସୀମାନେ ଅନେକ କିଛି ନିୟମ ନିଷ୍ଠାର ସହିତ ତ୍ୟାଗପୂତ ଜୀବନ ଯାପନ କରୁଥିଲେ । ନୃତ୍ୟ, ସଂଗୀତ ଜଣା ଥିଲେ ହିଁ ଏହି ଦେବଦାସୀ ହେବାପାଇଁ ସୁଯୋଗ ମିଳେ । ଯଦି ଦେବଦାସୀମାନଙ୍କ କୌଣସି ଅସୁବିଧା ହୁଏ ତେବେ ସମ୍ପ୍ରଦା ନିଯୋଗ ଏହି କାର୍ଯ୍ୟ ତୁଲାଉଥିଲେ । ଶ୍ରୀ ମନ୍ଦିରର ୧୧୯ ଟି ସେବା ମଧ୍ୟରୁ ଏହି ଗୋଟିଏ ସେବାକୁ ମହିଳା ମାନେ ସମ୍ପାଦିତ କରୁଥିଲେ । ସମୟ କ୍ରମେ ଗୋଟି ପୁଅମାନେ ମଧ୍ୟ ଏହି ନୃତ୍ୟକୁ ବଞ୍ଚାଇ ରଖିଥିଲେ । ତ୍ୟାଗପୂତ ଜୀବନ, ସେବା ମନୋବୃତ୍ତି, ଉତ୍ସର୍ଗୀକୃତ ଜୀବନ ହିଁ ସେମାନଙ୍କୁ ସମାଜରେ ତାଙ୍କ କାର୍ଯ୍ୟ ପାଇଁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ । ବାହାର ଗାଉଣୀ, ଭିତର ଗାଉଣୀ ନାଚୁଣୀ, ପଟୁଆର, ରାଜ ଅଙ୍ଗିଲ ଓ ରୁଦ୍ର ଗଣିକା ଭଳି ୬ ପ୍ରକାରର ମାହାରୀ ସେବା ବା ଦେବଦାସୀ ସେବା ହେଉଥିଲା। ୧୯୫୬ ଓଡ଼ିଶା ଗେଜେଟ ମୁତାବକ ସେତେବେଳେ ୯ ଜଣ ଦେବଦାସୀ ପ୍ରଭୁଙ୍କ ସେବା କରୁଥିଲେ । ପୁରୀର ବାସେଲୀ ସାହିର ଚନ୍ଦ୍ରମଣି, କୋକିଳ ପ୍ରଭା, ତାରାମଣି, ବସନ୍ତ, ପରଶ ମଣି, ବିନୋଦିନୀ, ଶ୍ରୀମତୀ, ସୁଭାଷିନୀ ଓ ମାର୍କଣ୍ଡେଶ୍ୱର ସାହିର ଇନ୍ଦୁମତୀ ଦେବଦାସୀ ମୁଖ୍ୟ ଦେବଦାସୀ ଭାବରେ ଗଣା ଯାଉଥିଲେ। ୨୦୨୧ ରେ ଶେଷ ଦେବଦାସୀ ପରଶମଣି ଇହଧାମରୁ ବିଦାୟ ନେଲେ। ସେମାନେ ଜୀବିତ ଥିବାବେଳେ ଏହି ମହାନ୍ ସେବାକୁ ବଞ୍ଚାଇ ରଖିବାକୁ ସେମାନେ ମନ୍ଦିର ପ୍ରଶାସନକୁ ଅନେକ ଅନୁରୋଧ କରିଥିଲେ ମଧ ମନ୍ଦିର ପ୍ରଶାସନ ବା ରାଜ୍ୟ ସରକାରଙ୍କ ପ୍ରଶାସନିକ ସ୍ତରରେ ଏହା ଉପରେ କେହି ଧ୍ୟାନ ଦେଲେ ନାହିଁ ଫଳରେ ଏହି ପ୍ରଥା ଓ ପରମ୍ପରା ପୁରା ମାତ୍ରାରେ ଦେଶରୁ ଲୋପ ପାଇଗଲା । ଦେବଦାସୀମାନେ ଯେହେତୁ ବିବାହ କରୁ ନ ଥିଲେ ତେଣୁ ତାଙ୍କର ବଂଶ ବିସ୍ତାର ସମ୍ଭବ ନ ଥିଲା ଓ ସେମାନଙ୍କ ବୃଦ୍ଧା ଅବସ୍ଥାରେ ତାଙ୍କର ସେବା ଯତ୍ନ ନେବାକୁ କେହି ଆଗେଇ ଆସିଲେ ନାହିଁ ଓ ପ୍ରଶାସନିକ ସ୍ତରରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ୧୯୯୩ ରେ ଏହି ପରମ୍ପରାକୁ ପୁନଃ ପ୍ରଚଳନ କରିବା ପାଇଁ ପ୍ରଶାସନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇ ସାକ୍ଷାତକାର ମାଧ୍ୟମରେ ମହିଳା ନୃତ୍ୟ ନିପୁଣ ଶିଳ୍ପୀ ମାନଙ୍କୁ ଡକା ଯାଇ ପରୀକ୍ଷା ନିଆ ଯାଇଥିଲା କିନ୍ତୁ ପ୍ରଥମରୁ ହିଁ ଅନେକ ପ୍ରକାର ବିବାଦର ସୂତ୍ରପାତର ସୃଷ୍ଟି ହେବାରୁ ପ୍ରାୟ ୮୦୦ ବର୍ଷର ଏହି ଅତି ସୁନ୍ଦର ମହାନ୍ ପ୍ରଭୁ ଜଗନ୍ନାଥଙ୍କ ସେବା ନୀତି ସବୁଦିନ ପାଇଁ ବନ୍ଦ ହୋଇଗଲା ଓ ଏହି ମହାନ୍ ପରମ୍ପରାର ମୃତ୍ୟୁ ଘଟିଲା ।

# ଡାକ୍ତରଙ୍କ ଚାମ୍ବର ଖାଲି ହେଇଗଲା

ଇଂ ଦେବ ରଥ

ହଠାତ୍ ଖବର ପାଇଲି ଡାକ୍ତର ବାବୁ (ଗିରିଜା କୁମାର ମହାପାତ୍ର) ଆଉ ନାହାଁନ୍ତି । ନିଜକୁ ବିଶ୍ୱାସ କରି ପାରିଲି ନାହିଁ । କାରଣ ଡାକ୍ତର ହୋଇ ଗୋଟାଏ କିଛି ମେଡିସିନ୍ ଖାଇ କ'ଣ ନିଜକୁ ବଞ୍ଚାଇ ପାରି ନଥାନ୍ତା ? ନା, ସ୍ୱର୍ଗରୁ ଯେବେ ଡକରା ଆସିବ ସେତେବେଳେ ମର୍ତ୍ତ୍ୟର କୌଣସି ଦାମୀ ଡାକ୍ତରଙ୍କ ଦାମୀ ଔଷଧ କିମ୍ବା ଆଇସିୟୁ କି ଭେଣ୍ଟିଲେଟର କାମ କରିବନି ।

ଡାକ୍ତର ଗିରିଜା କୁମାର ମହାପାତ୍ର । ଆମେ ତାକୁ ବାବୁ ବୋଲି ଡାକୁ । ଜଗନ୍ନାଥ ସେବା ସଦନ, ବାପୁଜୀ ନଗରରେ ଅବସ୍ଥିତ, ବହୁ ପୁରୁଣା ନର୍ସିଂହୋମ୍। ତାର ନନା ଡାକ୍ତର ଗଦାଧର ମହାପାତ୍ର ପ୍ରତିଷ୍ଠା କରିଥିଲେ । ନନାଙ୍କ ଅନ୍ତେ ସେ ଥିଲା ତାର ସତ୍ତ୍ୱାଧିକାରୀ। ନର୍ସିଙ୍ଗ ହୋମର ସବୁ ବୁଝା ସୁଝା କରୁଥିଲା। ବହୁ ଶାନ୍ତ, ସରଳ, ଅମାୟିକ ଓ ଭଦ୍ର । ସବୁବେଳେ ହସ ହସ ମୁହଁ । ରୋଗୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ସହାନୁଭୁତି ତାର ସହଜରେ ବାରିହୋଇ ପଡୁଥିଲା । ତା କଥା, ବ୍ୟବହାର ଓ ଔଷଧରେ ରୋଗୀର ଅଧା ରୋଗ ଭଲ ହୋଇଯାଉଥିଲା। ବେଶି ମେଡିସିନ୍ ଲେଖୁ ନଥିଲା। କହୁଥିଲା କାହିଁ କି ଏତେ ବିଷ ଗୁଡାକ ଖାଇବ? ବେଳେ ବେଳେ ସେ ହୋମିଓପାଥିକ୍ ଖାଇବା ପାଇଁ ପରାମର୍ଶ ଦେଉଥଲା। ଆଜି କାଲି କର୍ପୋରେଟ ହସ୍‌ପିଟାଲର ଡାକ୍ତରଙ୍କ ଭଳି ଗୁଡାଏ ଟେଷ୍ଟ କରିବାକୁ ବି ପରାମର୍ଶ ଦେଉ ନ ଥିଲା। ସତରେ ଡାକ୍ତର ଭଳି ଡାକ୍ତରଟିଏ ଥିଲା । ରୋଗୀମାନଙ୍କର ସେବା କରିବା ପାଇଁ ବୋଧହୁଏ ଜନ୍ମ ନେଇଥିଲା। କଥାରେ କୁହନ୍ତି – ଡାକ୍ତର ହେଉଛନ୍ତି ଭଗବାନଙ୍କର ଦ୍ୱିତୀୟ ଅବତାର । ସତରେ ସେହି ଭଳି ଗୋଟିଏ ଡାକ୍ତର ସେ ଥିଲା ବୋଲି ମୁଁ ଅନୁଭବ କରେ। କିନ୍ତୁ ଭଗବାନ ତାକୁ ଏତେ ଶୀଘ୍ର କାହିଁକି ନେଇଗଲେ ଜଣା ପଡୁନି। ଆଉ କିଛି ଦିନ ଲୋକମାନଙ୍କର ସେବା କରିଥାନ୍ତା କାରଣ ବୟସ ବି ହୋଇ ନଥିଲା। ମୋ ନିଜ ଦେହ ଟିକିଏ ଖରାପ ହେଲେ କିମ୍ବା ପରିବାରରେ କାହାର ଦେହ ଖରାପ ହେଲେ ମୁଁ ବାବୁକୁ ଆଗ ଫୋନ କରେ । ସେ ଯାହା ଉପଦେଶ ଦିଏ ସେ ଅନୁସାରେ ଔଷଧ ଖାଏ । କିନ୍ତୁ ବର୍ତ୍ତମାନ ତା ଅବର୍ତ୍ତମାନରେ ମୁଁ କାହାକୁ ସୁବିଧା ଅସୁବିଧା ସମୟରେ ଫୋନ କରିବି ? ମୋ ମନରେ ଅନେକ ଅବସୋସ ରହିଗଲା। ମୋ ଠାରୁ ବୟସରେ ବହୁତ ସାନ । ମୋତେ ବାବୁଲି ମାମୁଁ ବୋଲି ଡାକେ କାରଣ ତା ନିଜ ମାମୁଁ ବଳଭଦ୍ର ମିଶ୍ର ମୋ ସହପାଠୀ ଓ ଘନିଷ୍ଠ ବନ୍ଧୁ ଥିଲା। ସମୟ ସମୟରେ ମୁଁ ତା ନର୍ସିଙ୍ଗହୋମକୁ ଯାଏ । ଆମେ ନିଜ ନିଜର ପେଷା ବ୍ୟତିରକେ ରାଜ୍ୟ, ଦେଶ ତଥା ବିଦେଶର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରୁଥିଲୁ । ପୁରୁଣା କଥା ମନେ ପକାଇ ଖୁସି ବି ହେଉଥିଲୁ ଏବଂ ଦୁଃଖ ବି କରୁଥିଲୁ କାରଣ ସେ ସମୟ ଆଉ ଜୀବନରେ ଆସିବ ନାହିଁ । ଏହି ସୃଷ୍ଟିରେ ଜନ୍ମ ମୃତ୍ୟୁ ତ ଲାଗି ରହିଛି। ଯିଏ ଥରେ ଜନ୍ମ ନେଇଛି ତାର ମୃତ୍ୟୁ ନିଶ୍ଚିତ। କିଏ ଆଗ ଯିବ କିଏ ଟିକିଏ ପଛରେ ଯିବ । ସେଥି ପାଇଁ ଗୀତା ଓ ଭାଗବତରେ ଲେଖାଯାଇଛି – "ଜାତସ୍ୟ ହି ଧ୍ରୁବ ମୃତ୍ୟୁ"

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ହେଁ ମରଇ"। କିନ୍ତୁ ଚିହ୍ନା ଜଣା ମଣିଷଟି ଯେବେ ଅବେଳରେ ଚାଲିଯାଏ ସେତେବେଳେ ମନରେ ଦୁଃଖ ଓ କଷ୍ଟ ଆସିବା ସ୍ୱାଭାବିକ । ବାବୁ କ୍ଷେତ୍ରରେ ସେହି ଭାବନା ହିଁ ମୋ ମନରେ ଆସିଛି ଏବଂ ଯେଉଁ ଦୁଃଖକୁ ଭୁଲିବା ମୋ ପକ୍ଷରେ ସହଜ ନୁହେଁ କି ସମ୍ଭବ ନୁହେଁ ।

ତା ଚାମ୍ବରକୁ ଆଉ କେହି ଆସିବେ ନାହିଁ । ତା ଚାମ୍ବର ଖାଲି । କେବଳ ସେହି ଟେବୁଲ, ଚେୟାର, ରୋଗୀ ଦେଖା ବେଡ୍, ସିସି ଟିଭି କ୍ୟାମେରା, ଆଲମିରା ଇତ୍ୟାଦି ମୁକ ସାକ୍ଷୀ ହୋଇ ରହିଥିବେ ଯେଉଁ କୋଠରୀରେ ଦିନେ ସେ ସକାଳେ ଓ ସନ୍ଧ୍ୟାରେ ବସି ରୋଗୀ ସେବା କରୁଥିଲା।

ଡାକ୍ତର ବାବୁ ଆଜି ଅନେକ ଦୂରରେ। ସେ ଆଉ ଫେରି ଆସିବନି । ମାତ୍ର ଯେତେ ଦିନ ସେ ତାର ସେବା ଓ କର୍ମ ପାଇଁ ଲୋକମାନଙ୍କ ହୃଦୟରେ ଥିବ, ସେତେ ଦିନ ପର୍ଯ୍ୟନ୍ତ ସେ ସଂସାରରେ ବଂଚି ରହିଥିବ ଓ ଲୋକ ତାକୁ ମନେ ରଖିଥିବେ ।

ବାବୁ ଯଦିଓ ମୋର ଅନୁଜ ତଥାପି ଆଜିର ଦିନରେ ସେ ଯେଉଁଠି ଥାଉ ମୁଁ ତାର ଆତ୍ମାକୁ ପ୍ରଣାମ ଜଣାଉଛି । ତା ଆତ୍ମା ଶାନ୍ତିରେ ରହୁ, ଏତିକି ମୋର ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ରାଜ୍ୟଗୋଷ୍ଠୀ କ୍ରୀଡ଼ା : ହାତ ମିଳାଇପାରିବେ ଭାରତ, ପାକ୍ ଆଥଲେଟ୍



**ଗ୍ଲାସଗୋ**

ଅପରେସନ ସିନ୍ଦୂର ପରେ ଭାରତ ଓ ପାକିସ୍ତାନର ଖେଳାଳି ପରସ୍ପର ସହ ହାତ ମିଳାଇବାକୁ ଏଡ଼ାଉଥିବାବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟିକିଏ ଅଲଗା ସ୍ଥିତି ଦେଖିବାକୁ ମିଳିପାରେ। ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇବା କିମ୍ବା ଅଭିବାଦନ ଆଦାନପ୍ରଦାନ ଉପରେ ଭାରତ ପକ୍ଷରୁ କୌଣସି କଟକଣା ଜାରି କରାଯାଇନାହିଁ। ତେବେ ଏ ନେଇ ସଂପୃକ୍ତ ଖେଳାଳିମାନେ ନିଜେ ନିଷ୍ପତ୍ତି ନେଇପାରିବେ ବୋଲି ଭାରତୀୟ କ୍ରୀଡା ସଂଘମାନେ ସ୍ପଷ୍ଟ କରିଛନ୍ତି।

ଏଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଓ ପାକିସ୍ତାନୀ ଆଥଲେଟମାନେ ସମାନ ହୋଟେଲରେ ରହୁଛନ୍ତି। ଉଦାହରଣସ୍ୱରୂପ, ଭାରତୀୟ ଜାଭେଲିନ୍ ଥ୍ରୋର୍ ନୀରଜ ଚୋପ୍ରା ଓ ପାକିସ୍ତାନୀ ତାରକା ଅର୍ସଦ ନଦିମ ଜୋନ୍ ୩ରେ ସମାନ ହୋଟେଲରେ ରହୁଛନ୍ତି। ଏଣୁ ସେମାନଙ୍କ ମଧ୍ୟରେ ସାକ୍ଷାତ ଓ ମିଳାମିଶା ହେବା ସ୍ୱାଭାବିକ କଥା। ଏଣୁ ଏ ନେଇ କୌଣସି କଟକଣା ଜାରି କରାଯାଇନାହିଁ। ତେବେ ଉପହାର ଦିଆନିଆ ଉପରେ କଟକଣା ଜାରି କରାଯାଇଛି। ତେବେ ଲନ୍ ବଲ୍ ସଂଘ ପକ୍ଷରୁ ହସ୍ତମର୍ଦ୍ଦନ, ଉପହାର ଆଦାନପ୍ରଦାନ ଉପରେ କୌଣସି କଟକଣା ଲଗାଯାଇନାହିଁ।

# ଟି-୨୦ : ଜିମ୍ବାୱେ ବିପକ୍ଷରେ ୯୦ ରନ୍‌ରେ ଜିତିଲା ଭାରତ

**ହରାରେ**

ଜିମ୍ବାୱେ ବିପକ୍ଷରେ ଭାରତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ୯୦ ରନ୍‌ରେ ବିଜୟ ହାସଲ କରିଛି। ହରାରେ ସ୍ପୋର୍ଟ୍‌ସ କ୍ଲବରେ ଶନିବାର ଦିନ ପ୍ରଥମେ ବ୍ୟାଟିଂ କରି ଭାରତ ୨୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରା ଜିମ୍ବାୱେ ଦଳ ୧୭.୫ ଓଭରରେ ୧୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।

ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଯଶ ଠାକୁର ଏବଂ ପ୍ରିନ୍ସ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ରବି ବିଷ୍ଣୋୟୀ, ଶିଭବ ଦୁବେ ଏବଂ ତିଲକ ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଏହି ମୁକାବିଲାରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଈଶାନ କିଶନ ଏବଂ ତିଲକ ବର୍ମାଙ୍କ ବିସ୍ଫୋରକ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା।




ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୦ ରନ୍ ସଂଗ୍ରହ କରିଥିଲେ। ଅଭିଷେକ ୮ଟି ବଲ୍ ଖେଳି ୮ ରନ୍ ସଂଗ୍ରହ କରିଥିଲେ। ସେ ଆଉଟ୍ ହେଲା ପରେ ପଡ଼ିଆକୁ ପ୍ରବେଶ କରିଥିଲେ ଈଶାନ କିଶନ।

ଈଶାନ କିଶନ ଦଳ ପାଇଁ ବିସ୍ଫୋରକ ବ୍ୟାଟିଂ କରିଥିଲେ, ଯିଏକି ୪୪ଟି ବଲ୍ ଖେଳି ୮୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ୯ଟି ଚୌକା ଏବଂ ୨ଟି ଛକା ସାମିଲ କରିଥିଲେ। ତିଲକ ବର୍ମା ଅପରାଜିତ ରହି ୬୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା।

ଅଧିନାୟକ ଶ୍ରେୟସ ଆୟର ୨୦ଟି ବଲ୍ ଖେଳି ୪ଟି ଚୌକା ସହାୟତାରେ ୨୫ ରନ୍ ସଂଗ୍ରହ କରିଥିଲା ବେଳେ ବୈଭବ ସୂର୍ଯ୍ୟବଂଶୀ ୨୦ ରନ୍ କରିଥିଲେ। ଯୁବ ବ୍ୟାଟର ଶୁଭବ ଦୁବେ ଅପରାଜିତ ୬ ରନ୍ ସଂଗ୍ରହ କରିଥିଲେ। ଜିମ୍ବାୱେ ପାଇଁ ବ୍ଲେସିଂ ମୁଜରୱାନି, ରିଚାର୍ଡ ନଗ୍ରାଭା, ବ୍ରେଡ୍ ଇଭାନ, ନ୍ୟୁମାନ ନ୍ୟାମହୁରି ଏବଂ ବ୍ରେନ୍ ବେନେଟ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ରୋହିତଙ୍କ ଇସ୍ତଫାର ପ୍ରଶ୍ନ ଉଠୁନି: ରାଜୀବ ଶୁକ୍ଳା

**ନୂଆଦିଲ୍ଲୀ**

'ହିଟମ୍ୟାନ' ଭାବେ ପରିଚିତ ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର ରୋହିତ ଶର୍ମାଙ୍କ ଅବସର ନେଇ ଗତି କିଛି ଦିନ ହେଲା କଳ୍ପନାଜଳ୍ପନା ଚାଲିଥିବାବେଳେ ସେ ନେଇ ସ୍ଥିତି ସ୍ପଷ୍ଟ କରିଛନ୍ତି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା। ସେ କହିଛନ୍ତି ଯେ ରୋହିତ ଟିମ ଇଣ୍ଡିଆର ଅଂଶ ଓ ସେ ଖେଳିଚାଲିଛନ୍ତି। ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ତାଙ୍କୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି, ତାହାର କୌଣସି ଅର୍ଥ ନାହିଁ। ତାଙ୍କ ଇସ୍ତଫାର ପ୍ରଶ୍ନ ଉଠୁନାହିଁ।

ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ସମୟରେ ରୋହିତଙ୍କ ଅବସର ନେଇ ଚର୍ଚ୍ଚା ଜୋର୍ ଧରିଥିଲା। କ୍ରମାଗତ ବିଫଳତା ଯୋଗୁଁ ଲର୍ଡସରେ ଖେଳାଯାଇଥିବା ଶେଷ ଦିନିକିଆରେ ସେ ଅବସର ନେବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ସେ ଏକ ବିସ୍ଫୋରକ ଶତକ ଅର୍ଜନ କରି ସେ ସମାଲୋଚକମାନଙ୍କୁ ଦୃଢ଼ ଜବାବ ଦେବା ସହ ଅବସର ଚର୍ଚ୍ଚାରେ ଅବସାନ ଘଟାଇଥିଲେ। ଏହା ପରେ ସେ ନିଜେ ମଧ୍ୟ ଗଣମାଧ୍ୟମକୁ କହିଥିଲେ ଯେ ତାଙ୍କର କାମ ହେଉଛି ଖେଳିବା ଓ ବାହାରର କୋଳାହଳ ଉପରେ ସେ ଧ୍ୟାନ ଦିଅନ୍ତି ନାହିଁ।

# ଡିଏସ୍‌ପି ହେଲେ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ



**ପାଟନା**

ଭାରତୀୟ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ କୁମାର ବିହାର ପୁଲିସ ବିଭାଗରେ ଉପ-ଅଧୀକ୍ଷକ (ଡିଏସ୍‌ପି) ଭାବେ ନିଯୁକ୍ତି ପାଇଛନ୍ତି। ପାଟନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ବିହାର ସରକାରଙ୍କ 'ମେଡାଲ ଆଣ ନିଯୁକ୍ତି ପାଅ' ଯୋଜନା ଅଧିନରେ ସେମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଉଭୟ ଖେଳାଳି ଏହି ନିଯୁକ୍ତି ପାଇଁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହା ବିହାରର ଯୁବ ଖେଳାଳିମାନଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି।

ଏହା ପୂର୍ବରୁ ୨୦୨୪ରେ ତେଲେଙ୍ଗାନା ସରକାର ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଡିଏସ୍ପି ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଆକାଶଦୀପ ଭାରତ ପାଇଁ ୧୦ ଟେଷ୍ଟ ଖେଳି ୨୮ ୱିକେଟ୍ ନେଇଥିବାବେଳେ ମୁକେଶ ୩ ଟେଷ୍ଟ ଖେଳି ୭ ୱିକେଟ୍ ନେଇଛନ୍ତି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ସ୍ୱାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଗ୍ଲାସଗୋ**

ଇଂଲଣ୍ଡର ମାର୍କ ସ୍ୱାନ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସ୍ୱର୍ଣ୍ଣ ବିଜେତା ହୋଇଛନ୍ତି। ଲାଇଟ୍‌ୱେଟ୍ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ସେ ୨୨୨କେଜି ଉତ୍ତୋଳନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ସେ ଏକ ନୂଆ ୟୁରୋପିଆନ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

ପୂର୍ବରୁ ଗତ ମାର୍ଚ୍ଚରେ ଅନୁଷ୍ଠିତ ୟୁରୋପିଆନ ଓପନ ଚାମ୍ପିୟନସିପ୍‌ରେ ସେ ୮୦କେଜି କାଟେଗୋରିରେ ୨୨୦କେଜି ଓଜନ ଉତ୍ତୋଳନ କରି ଏକ ୟୁରୋପିଆନ ରେକର୍ଡ କରିଥିଲେ। ସ୍ୱର୍ଣ୍ଣ ବିଜେତା ହେବା ପରେ ସେ ତାଙ୍କ ଶେଷ ପ୍ରୟାସରେ ୨୩୨କେଜି ଓଜନ ଉଠାଇ ବିଶ୍ୱରେକର୍ଡ ସମକକ୍ଷ ହେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।



ନାଇଜେରିଆର ରୋଲାଣ୍ଡ ଏଜୁରୁଇକି ରୌପ୍ୟ ପଦକ ପାଇଥିବା ବେଳେ ବିଶ୍ୱ ରେକର୍ଡଧାରୀ ମାଲେସିଆର ବୋନି ବୁନ୍ୟାୟୁ ଗଷ୍ଟିନ ତାଙ୍କ ଫାଇନାଲ ପ୍ରୟାସରେ ୨୩୦କେଜି ଓଜନ ଉଠାଇ ବିଫଳ ହେବା ପରେ ବ୍ରୋଞ୍ଜ ପଦକ ପାଇଥିଲେ। ସୂଚନାଯୋଗ୍ୟ, ସ୍ୱାନ ୨୦୨୨ରେ ବର୍ମିଂହାମଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିଲେ।

# ଭାରତ ପାଇଁ ପ୍ରଥମ ପଦକ ଜିତିଲେ ଝଣ୍ଟୁ କୁମାର

**ନୂଆଦିଲ୍ଲୀ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦ୍ୱିତୀୟ ଦିନରେ, ପାରା ଭାରୋତ୍ତୋଳକ ଝଣ୍ଟୁ କୁମାର କାଂସ୍ୟ ପଦକ ଜିତି ଭାରତ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛନ୍ତି । ସେ ଏହି ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ପଦକ ହାସଲ କରି ଇତିହାସ ରଚିଛନ୍ତି । ଜୀବନରେ ଅନେକ ସଂଘର୍ଷକୁ ପାର କରି ଏହି ପର୍ଯ୍ୟାୟକୁ ପହଞ୍ଚିବା ମଧ୍ୟ ଏକ ପ୍ରକାର ପ୍ରେରଣା । ଏହା ତାଙ୍କର ପ୍ରଥମ ଆନ୍ତର୍ଜାତୀୟ ପଦକ।

ଝଣ୍ଟୁ କୁମାର ଜଣେ ଚାଷୀଙ୍କ ପୁଅ। ସେ ଅନେକ କଷ୍ଟର ସମ୍ମୁଖୀନ ହୋଇଥିଲେ । ଗୋଟିଏ ସମୟରେ, ସେ ତାଙ୍କ ପରିବାରକୁ ପ୍ରତିପାଳନ କରିବା ପାଇଁ ପନିପରିବା ବିକ୍ରୟ କରିଥିଲେ ଏବଂ ପରେ ଏକ ଇ-ରିକ୍ସା ଚଳାଇଥିଲେ। ଏହି ଚ୍ୟାଲେଞ୍ଜ ସତ୍ତ୍ୱେ, ସେ ତାଙ୍କ ସ୍ୱପ୍ନକୁ ମରିବାକୁ ଦେଇନଥିଲେ । ସେ ନିଜ ଜିଦରେ ଅଟଳ ରହିଥିଲେ ଏବଂ ଏବେ ଏପରି ଏକ ସମ୍ମାନଜନକ ପର୍ଯ୍ୟାୟରେ ପଦକ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି ।

ଝଣ୍ଟୁ କୁମାର ପାରା-ପାୱାରଲିଫ୍ଟିଂରେ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି । ସେ ପୁରୁଷ ହେଭିୱେଟ୍ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେ ୧୮୧ କିଲୋଗ୍ରାମ ଏବଂ ୧୯୦ କିଲୋଗ୍ରାମ ସଫଳତାର ସହ ଉଠାଇ ୧୩୦.୯ ପଏଣ୍ଟ ସ୍କୋର କରିଥିଲେ । କିନ୍ତୁ, ୧୯୬ କିଲୋଗ୍ରାମରେ ତାଙ୍କର ଶେଷ ପ୍ରୟାସ ବିଫଳ ହୋଇଥିଲା। ଏହି ଇଭେଣ୍ଟରେ ନାଇଜେରିଆର ଇଦ୍ରିସ୍ ରିଲୱାନ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ, ଯେତେବେଳେ ମାଥ୍ୟୁ ହାର୍ଡିଂ ରୌପ୍ୟ ପଦକ ଜିତିଛନ୍ତି ।

# ଭାରତରେ ଖେଳାଯିବ ଆସେସ୍ ସିରିଜ୍ : କ୍ରିକେଟ୍ ଅଷ୍ଟ୍ରେଲିଆ ସିଇଓ

**ନୂଆଦିଲ୍ଲୀ**

କ୍ରିକେଟ୍ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟଡ୍ ଗ୍ରୀନବର୍ଗ ଭବିଷ୍ୟତରେ ଭାରତରେ ଆସେସ୍ ଟେଷ୍ଟ ଆୟୋଜନ କରିବାର ସମ୍ଭାବନାକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଏହି ଐତିହାସିକ ଟେଷ୍ଟ ସିରିଜ୍‌କୁ ଭାରତରେ ଆୟୋଜନ କରିବା ପାଇଁ ବର୍ତ୍ତମାନ କୌଣସି ଯୋଜନା ନାହିଁ, କିନ୍ତୁ ଏହି ବିକଳ୍ପକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ ମଧ୍ୟ କରାଯାଇପାରିବ ନାହିଁ।

ଟଡ୍ ଗ୍ରୀନବର୍ଗ ବିବିସିର 'ଷ୍ଟମ୍ପଡ୍' ପୋଡକାଷ୍ଟରେ କହିଛନ୍ତି ଯେ କ୍ରିକେଟ୍ ଅଷ୍ଟ୍ରେଲିଆର ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ ଏବଂ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଉଭୟଙ୍କ ସହ ବହୁତ ମଜବୁତ ସମ୍ପର୍କ ରହିଛି। ଏଭଳି ପରିସ୍ଥିତିରେ ଯଦି ଭବିଷ୍ୟତରେ ଟେଷ୍ଟ କ୍ରିକେଟ୍‌କୁ ଏକ ନୂତନ ଉଚ୍ଚତାକୁ ନେବା ପାଇଁ କୌଣସି ନୂଆ ମଡେଲ୍ ଉପରେ ବିଚାର କରିବାକୁ ପଡ଼େ, ତେବେ ଭାରତ ମଧ୍ୟ ଏକ ବଡ଼ ବିକଳ୍ପ ହୋଇପାରେ।

ସେ କହିଛନ୍ତି, 'ଇସିବି ଏବଂ ବିସିସିଆଇ ଉଭୟଙ୍କ ସହ ଆମର ସମ୍ପର୍କ ଚମତ୍କାର ରହିଛି। ଭାରତରେ କ୍ରିକେଟ୍‌କୁ ନେଇ ଅପାର ସମ୍ଭାବନା ଅଛି। ବର୍ତ୍ତମାନ ଏଭଳି କୌଣସି ଯୋଜନା ନାହିଁ, କିନ୍ତୁ ଆମେ ସମସ୍ତ ବିକଳ୍ପ ଉପରେ ବିଚାର କରିବାକୁ ପ୍ରସ୍ତୁତ ଅଛୁ।' ଗ୍ରୀନବର୍ଗଙ୍କ ମତରେ ବର୍ତ୍ତମାନ ସମୟରେ ଟେଷ୍ଟ କ୍ରିକେଟ୍‌ର ଲୋକପ୍ରିୟତା ସବୁଠାରୁ ଅଧିକ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତରେ ହିଁ ବଜାୟ ରହିଛି। ତେଣୁ ଏହି ତିନୋଟି କ୍ରିକେଟ୍ ମହାଶକ୍ତିଙ୍କର ଦାୟିତ୍ୱ ଯେ ସେମାନେ ଏହି ଫର୍ମାଟ୍‌କୁ ଆହୁରି ମଜବୁତ କରନ୍ତୁ।

ସେ ଆହୁରି ମଧ୍ୟ କହିଛନ୍ତି, 'ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତରେ ଟେଷ୍ଟ କ୍ରିକେଟ୍ ଆଜି ବି ଅତ୍ୟନ୍ତ ମଜବୁତ ସ୍ଥିତିରେ ଅଛି। ବିଶ୍ୱର ଅନେକ ସ୍ଥାନରେ ଟେଷ୍ଟ କ୍ରିକେଟ୍ ସଂଘର୍ଷ କରୁଛି, କିନ୍ତୁ ଏହି ଦେଶଗୁଡ଼ିକରେ ଏହାର ଆକର୍ଷଣ ବଜାୟ ରହିଛି। ଆମେ ଚାହୁଁଛୁ ଯେ ଏହା ଆହୁରି ଆଗକୁ ବଢ଼ୁ।'

ଟଡ୍ ଗ୍ରୀନବର୍ଗଙ୍କର ଏହି ବୟାନ ଏଭଳି ଏକ ସମୟରେ ଆସିଛି ଯେତେବେଳେ ନିକଟରେ ବିଗ୍ ବ୍ୟାଶ୍ ଲିଗ୍ ମ୍ୟାଚ୍ ମଧ୍ୟ ଭାରତରେ କରାଯିବାକୁ ଘୋଷଣା କରିଛି। ଏହି ବର୍ଷ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ମେଲବର୍ଣ୍ଣ ରେନେଗେଡ୍ସ ଏବଂ ପର୍ଥ ସ୍କର୍ଚର୍ସ ମଧ୍ୟରେ ଖେଳାଯିବ। ବିବିଏଲ୍ ଭାରତ ଆସିବା ଏହି କଥାର ସଙ୍କେତ ବୋଲି ମାନାଯାଉଛି ଯେ ଅଷ୍ଟ୍ରେଲିଆନ୍ କ୍ରିକେଟ୍ ଭାରତର ବିଶାଳ କ୍ରିକେଟ୍ ବଜାରରେ ନିଜର ଉପସ୍ଥିତି ବଢ଼ାଇବାକୁ ଚାହୁଁଛି। ଏଭଳି ପରିସ୍ଥିତିରେ ଭବିଷ୍ୟତରେ ଭାରତରେ ଆଶେସ୍ ଟେଷ୍ଟ ଆୟୋଜନ କରିବାର ସମ୍ଭାବନା ଉପରେ ମଧ୍ୟ ଆଲୋଚନା ତେଜିଛି।

ତେବେ ଟଡ୍ ଗ୍ରୀନବର୍ଗ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଏହି ବିଚାରକୁ କାର୍ଯ୍ୟକାରୀ କରିବା ସହଜ ହେବ ନାହିଁ। ସେ କହିଛନ୍ତି ଯେ ଆନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡର ପୂର୍ବରୁ ହିଁ ଆଇସିସି ଟୁର୍ଣ୍ଣାମେଣ୍ଟ, ଦ୍ୱିପାକ୍ଷିକ ସିରିଜ୍ ଏବଂ ସାରା ବିଶ୍ୱର ଟି-୨୦ ଲିଗ୍‌ଗୁଡ଼ିକରେ ଭରପୂର ରହିଛି। ସେ କହିଛନ୍ତି, 'ବୈଶ୍ୱିକ କ୍ରିକେଟ୍‌ର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଏହା ହିଁ ଯେ ଆମ ପାଖରେ ବର୍ଷକୁ କେବଳ ୩୬୫ ଦିନ ଅଛି, ଯେତେବେଳେ କି କ୍ରିକେଟ୍‌ର ବଢ଼ୁଥିବା ଚାହିଦାକୁ ଦେଖିଲେ ବୋଧହୁଏ ଆମକୁ ଆଉ ଏକ-ଦୁଇ ମାସ ଦରକାର।'

# ରୋହିତ ଶର୍ମାଙ୍କୁ ନେଇ ହୃଦୟସ୍ପର୍ଶୀ ବାର୍ତ୍ତା ସେୟାର କଲେ ଜସ ବଟଲର୍

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ ସିରିଜ ଶେଷ ହେବା ପରେ, ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଉତ୍କୃଷ୍ଟ ଖେଳ ମନୋଭାବ ଦେଖିବାକୁ ମିଳିଥିଲା। ଇଂଲଣ୍ଡର ୱିକେଟକିପର-ବ୍ୟାଟସମ୍ୟାନ ଜୋସ ବଟଲର୍ ଏକ ସ୍ୱତନ୍ତ୍ର ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରତି ତାଙ୍କର ପ୍ରଶଂସା ପ୍ରକାଶ କରିଥିଲେ। ବଟଲର୍ ରୋହିତ ଶର୍ମାଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଟିମ ଇଣ୍ଡିଆ ଜର୍ସି ପାଇଥିଲେ; ଇନଷ୍ଟାଗ୍ରାମରେ ତାଙ୍କର ଖୁସି ବାଣ୍ଟି ସେ ରୋହିତଙ୍କୁ ତାଙ୍କର 'ସବୁଠୁ ପ୍ରିୟ ଖେଳାଳି' ଭାବରେ ବର୍ଣ୍ଣନା କରିଥିଲେ।

ଜସ ବଟଲର୍ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ରୋହିତ ଶର୍ମାଙ୍କ ହସ୍ତାକ୍ଷରିତ ଜର୍ସିର ଏକ ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ ରୋହିତ ତାଙ୍କର ପ୍ରିୟ ଖେଳାଳିମାନଙ୍କ ମଧ୍ୟରୁ ଜଣେ। ବଟଲରଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେଉଛି, କ୍ରିକେଟ ପ୍ରଶଂସକମାନେ ଦୁଇ ଖେଳାଳିଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ମାନର ପ୍ରଶଂସା କରୁଛନ୍ତି।




ଇଂଲଣ୍ଡ ଗସ୍ତ ଆରମ୍ଭରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଆଶା ପୂରଣ କରିପାରି ନଥିଲା। ସେ ପ୍ରଥମ ଦୁଇଟି ଦିନିକିଆରେ ବଡ଼ ଇନିଂସ ଖେଳିପାରି ନଥିଲେ, ଯାହା ତାଙ୍କ ଭବିଷ୍ୟତ ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଥିଲା। ତଥାପି, ସେ ସିରିଜ ନିର୍ଣ୍ଣାୟକରେ ତାଙ୍କ ସମାଲୋଚକମାନଙ୍କୁ ଉପଯୁକ୍ତ ଜବାବ ଦେଇଥିଲେ।

ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ୩୮୮ ରନର ଏକ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି, ରୋହିତ ଶର୍ମା ୧୧୦ ବଲରୁ ୧୩୮ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ୧୭ ଚୌକା ଏବଂ ୫ ଛକା ଅନ୍ତର୍ଭୁକ୍ତ ଥିଲା। ଏହା ଲର୍ଡସରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଶତକ ମଧ୍ୟ ଥିଲା। ଯଦିଓ ଭାରତ ୨୭ ରନରେ ମ୍ୟାଚ ହାରି ସିରିଜ ୨-୧ ରେ ହରାଇଥିଲା, ରୋହିତଙ୍କ ବ୍ୟାଟିଂ ସମସ୍ତଙ୍କ ହୃଦୟ ଜିତିଥିଲା।

ନିର୍ଣ୍ଣାୟକ ମ୍ୟାଚରେ, ରୋହିତ ଶର୍ମା ଏବଂ ବିରାଟ କୋହଲି ତୃତୀୟ ୱିକେଟ ପାଇଁ ଏକ ଉତ୍କୃଷ୍ଟ ଭାଗୀଦାରି କରିଥିଲେ। ବିରାଟ ୬୦ ବଲରୁ ୭୪ ରନ କରିଥିଲେ, ଯେତେବେଳେ ରୋହିତ ଏକ ଆକ୍ରମଣାତ୍ମକ ଶତକ ମାରି ଭାରତୀୟ ଦଳକୁ ବିଜୟର ନିକଟତର କରିଥିଲେ। ସେମାନଙ୍କ ବ୍ୟାଟିଂ ମ୍ୟାଚକୁ ରୋମାଞ୍ଚକର କରିଥିଲା।

ରୋହିତ ଶର୍ମାଙ୍କୁ ୱଡିଓ କ୍ରିକେଟରେ ସବୁଠାରୁ ସଫଳ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଗଣନା କରାଯାଏ। ସେ ଏପର୍ଯ୍ୟନ୍ତ ୨୮୮ ଓଡିଆଇ ମ୍ୟାଚରେ ୧୧,୮୯୫ ରନ କରିଛନ୍ତି। ଏହି ସମୟ ମଧ୍ୟରେ, ସେ ୩୪ ଶତକ ଏବଂ ୬୨ ଅର୍ଦ୍ଧଶତକ ମାରିଛନ୍ତି, ଯେଉଁଥିରେ ତାଙ୍କର ସର୍ବାଧିକ ସ୍କୋର ୨୬୪ ରନ। ଓଡିଆଇ କ୍ରିକେଟରେ ସର୍ବାଧିକ ରନ ସ୍କୋରର ତାଲିକାରେ ସେ ସପ୍ତମ ଏବଂ ଭାରତୀୟ ଖେଳାଳିଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି।

# ଭୁବନେଶ୍ୱର କଂଗ୍ରେସ ପକ୍ଷରୁ ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଶିକ୍ଷା କ୍ଷେତ୍ରରେ ବିଫଳତା ଓ ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ ଲକ୍ଷ ଲକ୍ଷ ଯୁବକ ଓ ଛାତ୍ର ମାନଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । କଂଗ୍ରେସ ଦଳ ସର୍ବଦା ଯୁବ ଛାତ୍ର ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିଆସିଛି । ପ୍ରତିବାଦ କାରଣରୁ କଂଗ୍ରେସ ନେତୃବୃନ୍ଦ ମାନଙ୍କୁ ଅମାନବୀୟ ଆକ୍ରମଣର ଶିକାର ହେବାକୁ ପଡ଼ିଛି । ମୋଦି ସରକାରରେ ଚାଲିଥିବା ଏହି ବିଫଳତା ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସନ୍ଧ୍ୟା ସମୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ "ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ" ଜିଲ୍ଲା ସଭାପତି ପ୍ରକାଶଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ନୀରବ ସତ୍ୟାଗ୍ରହ ଓ ଧାରଣା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ ଯୁବକ ଓ ଛାତ୍ରମାନଙ୍କ ଯେତେ ପର୍ଯ୍ୟନ୍ତ ନ୍ୟାୟ ମିଳିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଭାରତ ବର୍ଷର ସମସ୍ତ ଯୁବ ଛାତ୍ରମାନଙ୍କୁ କ୍ଷମା ମାଗିବା ସହ ତୁରନ୍ତ ସେମାନେ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ । ଏହି କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅରବିନ୍ଦ ଦାସ, କିଶୋର ଜେନା, ମନୋରଞ୍ଜନ ଦାସ, ସତ୍ୟବ୍ରତ ନାୟକ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ଉକତ ସତ୍ୟାଗ୍ରହରେ ସାମିଲ ହୋଇଥିଲେ ।

# ସୁନ୍ଦରଗଡ ଜିଲ୍ଲାରେ ଏସ୍ଆଇଆର ପ୍ରକ୍ରିୟାର ସମୀକ୍ଷା

**ରାଉରକେଲା : ନ୍ୟୁଜ୍**

ଗତ ୨୪ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାରେ ଏସ୍.ଆଇ.ଆର. ପ୍ରକ୍ରିୟାର ଅଗ୍ରଗତିର ସମୀକ୍ଷା କଲେ ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଗୃହ (ନିର୍ବାଚନ) ବିଭାଗ, ଓଡ଼ିଶାର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ସଞ୍ଜୟ ଲୁଗୁନ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ସେହିଭଳି ଟାଙ୍ଗରପାଲି ଏବଂ ଲେଫ୍ରିପଡ଼ା ବ୍ଲକ ଗସ୍ତ କରି ଏସ ଆଇ ଆର୍ ପ୍ରକ୍ରିୟାର ଆପତ୍ତି, ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ କରିଥିଲେ। ସେ ଶିବିରରେ ଆପତ୍ତି ଗ୍ରହଣ, ଶୁଣାଣି ଓ ଆବେଦନର ନିଷ୍ପତ୍ତି ପ୍ରକ୍ରିୟାର ଅନୁଧାନ କରିବା ସହ ସ୍ୱଚ୍ଛ, ନିରପେକ୍ଷ ଓ ସମୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ପରେ ପରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ସମ୍ମିଳନୀ କକ୍ଷ ଠାରେ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ଏସ ଆଇ ଆର୍ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସହ ବିସ୍ତୃତ ଆଲୋଚନା କରି କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ସମୀକ୍ଷା କରିଥିଲେ। ବିଶେଷକରି, ବି ଏଲ ଓ ମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରି ସେମାନଙ୍କ କାର୍ଯ୍ୟ ଅନୁଭୂତି, କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସୁଧାର ପାଇଁ ମତାମତ ଓ ପରାମର୍ଶ ଲୋଡ଼ିଥିଲେ। ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ବି ଏଲ ଓ ମାନେ ନିଜ ନିଜର ଅନୁଭୂତି ବାଣ୍ଟି ଥିଲେ। ବୈଠକରେ ଜିଲ୍ଲାରେ ଚାଲୁଥିବା ଏସ୍.ଆଇ.ଆର. ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି, ଅଗ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ପି ପି ଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଶ୍ରୀ ଲୁଗୁନ ସମସ୍ତ ଅଧିକାରୀଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ସହିତ ଯୋଗ୍ୟ ଭୋଟର ମାନଙ୍କୁ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମୋତିଲାଲ ଶୁଲିଆ, ସଦର ତହସିଲଦାର ଶ୍ରୀ କୁଳମଣି ରନବିଡ଼ା, ସୁନ୍ଦରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଅଧିକାରୀ,କର୍ମଚାରୀ ତଥା ବି ଏଲ ଓ ମାନେ ଉପସ୍ଥିତ ରହିଥିଲେ।

# ଚୌଦ୍ୱାରରେ ମହାପ୍ରଭୁଙ୍କ ରଥଯାତ୍ରା

**ଚୌଦ୍ୱାର : ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାରର ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡ଼ା ଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚୌଦ୍ୱାର ସହର ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରର ମାଉସୀମା ମନ୍ଦିର ପରିସର ଶୁକ୍ରବାର ସକାଳରୁ ବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ପରମ୍ପରା ଅନୁଯାୟୀ ଜିଉ ମାନଙ୍କର ରୀତିନୀତି ପୂଜା ଓ ଭୋଗରାଗ ପରେ ଅପରାହ୍ଣରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚାରବାଟିଆ ହାଉସଂବୋର୍ଡ ମନ୍ଦିରରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାହୁଡା ଯାତ୍ରା କାର୍ଯ୍ୟକ୍ରମରେ ଗୁଣ୍ଡିଚା ବିହାରସ୍ଥିତ ମାଉସୀ ମା ମନ୍ଦିରରେ ରଥକୁ ସଜ୍ଜିତ କରାଯାଇ ତିନି ଠାକୁରଙ୍କୁ ଉତ୍ସାହର ସହିତ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ସନ୍ତୋଷ କୁମାର ଧର ଠାକୁର ରାଜା ଭାବେ ଛେରା ପହଁରା କରିବା ପରେ ଅଞ୍ଚଳର ଶହ ଶହ ମହିଳା, ପୁରୁଷ ଓ ଯୁବଗୋଷ୍ଠୀ ସଂକୀର୍ତ୍ତନ, ଘଣ୍ଟ, ଘଣ୍ଟା ବଜାଇ ହରିବୋଲ ହୁଳହୁଳି ଧ୍ୱନୀ ମଧ୍ୟରେ ରଥକୁ ଟାଣି ମନ୍ଦିର ଖଳାକୁ ଆଣିଥିଲେ । ଦୀର୍ଘ ୮ଦିନ ଧରି ପ୍ରତିଦିନ ସନ୍ଧ୍ୟାରେ ମାଉସୀ ମା ମନ୍ଦିର ପରିସରରେ ଆୟୋଜିତ ନୃତ୍ୟ ଓ ସଂଗୀତ ବିଚିତ୍ରା, ଭଜନ ସମାରୋହ, ପ୍ରବଚନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମରେ ସହସ୍ରାଧିକ ଲୋକ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ବହୁ କୃତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚୌଦ୍ୱାର ସ୍ଥିତ ମଙ୍ଗଳାସାହି ମନ୍ଦିର ରଥରେ ପ୍ରଣୟାନନ୍ଦ ସ୍ୱାଇଁ ଓ ନବଗ୍ରହସାହି ଜଗନ୍ନାଥଙ୍କ ରଥରେ ଅଜିତ କୁମାର ସ୍ୱାଇଁ ଠାକୁର ରାଜା ଭାବେ ଛେରା ପହଁରା ନୀତି ସଂପନ୍ନ କରିବା ପରେ ଲୋକମାନେ ଶ୍ରଦ୍ଧାର ସହ ରଥ ଟାଣି ମନ୍ଦିରକୁ ଆଣିଥିଲେ ।ଶନିବାର ଦିନ ସୁନାବେଶ ଓ ରବିବାର ଦିନ ଅଧରପଣା ନୀତି ଅନୁଷ୍ଠିତ ହେବବୋଲି ମନ୍ଦିର ଟ୍ରଷ୍ଟ ମାନଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି । ସନ୍ଧ୍ୟାରେ ରଥଖଳା ପରିସରରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଅନୁରୂପ ଭାବେ ଗୋଡିପାଟଣା, ଚିତ୍ରେଶ୍ୱର, ଗୌଖାନା, ଓଟିଏମକଲୋନୀ, ମୁଣ୍ଡମାଳ, ଚା□।, ଶାଳଗାଁ, ନଖରା, ଅଙ୍ଗତରାଡିହ, ବାଣିପଦା, ଶଙ୍କରପୁର, ନୂଆପାଟଣା, କୟଳପଡା, ଏଆରସି ପରିସରରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି ।



# ରଥଯାତ୍ରା ପରିଚାଳନାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି ସରକାର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି । ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଶ୍ରୀ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ, ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି । ଗତ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏତେ ପରେ ବି ରାଜ୍ୟ ସରକାର ନିଜ ଭୁଲ୍କୁ ସ୍ୱୀକାର କରୁନାହାଁନ୍ତି । ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ନେଇ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରୁଛନ୍ତି । କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୁଖା ଖୋଲିଦେଇଛି । ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ବିଭ୍ରାଟ ଦେଖାଦେଇଛି, ଯାହା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ମର୍ମାହତ କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁର କାରଣ ନେଇ ରାଜ୍ୟ ସରକାର କିପରି ବିବୃତ୍ତି ପ୍ରଦାନ କରୁଛନ୍ତି ? ଉକ୍ତ ଅଘଟଣ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦ୍ବେଗ ପ୍ରକାଶ କରିଛନ୍ତି । ରଥଯାତ୍ରା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ । ମୃତ୍ୟୁକୁ ନେଇ ମିଛ କହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଶ୍ରୀ ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ଅସମର୍ଥ । ରଥଯାତ୍ରାରେ ମହାପ୍ରଭୁଙ୍କ ନିକଟରେ ସେବାୟତ ରହିବା ନେଇ ପୂର୍ବ ନିଷ୍ପତ୍ତି ଠାରୁ ଅଧିକ ସେବାୟତ ରହିଲେ । ରଥଯାତ୍ରା ଆରମ୍ଭରୁ ଅଘଟଣ ଘଟିଲା । ମହାପ୍ରଭୁଙ୍କ ପହଣ୍ଡି ବିଜେ ବେଳେ ଟାହିଆ ନଥିଲା । ଏହାପରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ପ୍ରାଣ ହାନୀ ଘଟିଲା । ବାହୁଡା ଯାତ୍ରାରେ ମଧ୍ୟ ଦଳାଚକଟା ଘଟି ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା । ବିଜେପି ସରକାରର ଦାୟିତ୍ୱହୀନତା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି ।

ଶ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ, ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବାରମ୍ବାର ଅଘଟଣ ଘଟୁଛି । ଗତ ୨୦୨୪ ମସିହା ରଥଯାତ୍ରାରେ ପହଣ୍ଡି ସମୟରେ ଚାରମାଳରୁ ବଡ଼ଠାକୁର ପ୍ରଭୁ ବଳଭଦ୍ର ପଡି ଯାଇଥିଲେ । ରାଜ୍ୟ ସରକାର ଏହାର ତଦନ୍ତ କରିଥିଲେ ମଧ୍ୟ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିଲେ ନାହିଁ । ପୂର୍ବତନ ରାଜ୍ୟପାଳଙ୍କ ପୁଅ ପୁରୀ ରାଜଭବନରେ କାର୍ଯ୍ୟରତ ଏଏସଓଙ୍କୁ ଚାପୁଡ଼ା ମାରିଲେ; ତାହାର ମଧ୍ୟ ତଦନ୍ତ ହେଲା, କିନ୍ତୁ ରିପୋର୍ଟ ସାର୍ବଜନୀନ ହେଲା ନାହିଁ । ସେହିପରି ୨୦୨୫ ମସିହା ରଥଯାତ୍ରା ସମୟରେ ଶରଧାବାଲିରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେଲା, ତାହାର ରିପୋର୍ଟ ମଧ୍ୟ ସାର୍ବଜନୀନ କରିଲେ ନାହିଁ ସରକାର । ଚଳିତ ବର୍ଷ ରଥଯାତ୍ରାରେ ୩ ଜଣ ଓ ବାହୁଡା ଯାତ୍ରାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । କିନ୍ତୁ ରାଜ୍ୟ ସରକାର ନିଜ ଉତ୍ତର ଦାୟିତ୍ୱରୁ ଓହରି ଯାଉଛନ୍ତି । ବିଧାନସଭାରେ ପ୍ରଶ୍ନ କରିଲେ ସୁଦ୍ଧା ତଦନ୍ତ ଜାରି ରହିଛି ବୋଲି ରାଜ୍ୟ ସରକାରଙ୍କ ମନ୍ତ୍ରୀ ଉତ୍ତର ଦେଉଛନ୍ତି । ବିଜେପି ସରକାରର ଶାସନକୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ତଦନ୍ତ ରିପୋର୍ଟ ସାର୍ବଜନୀନ ହେଉନାହିଁ । ମହାପ୍ରଭୁଙ୍କ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷାରେ ହୋଇଥିବା ବଡ଼ଧରଣର ଅବହେଳାକୁ ଓଡ଼ିଶାବାସୀ କେବେବି କ୍ଷମା କରିବେ ନାହିଁ । ତେଣୁ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରାଯାଉ ।

# 'ସାହିତ୍ୟ ମାସିକୀ'ରେ ଅନୁଦିତ ପୁସ୍ତକ 'କବିତା ଅଟଳ' ପାଠକାର୍ପିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସହୃଦୟତା, ଅପୂର୍ଣ୍ଣତା ଓ ନିର୍ଭୀକତା ଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପାୟୀଜୀଙ୍କ କବିତ୍ୱର ମୂଳମନ୍ତ୍ର। ସେ ରାଜନୀତି ଓ ସାହିତ୍ୟସାଧନାକୁ ପୃଥକ ଭାବେ ଲକ୍ଷ୍ୟ କରୁଥିଲେ । ତାଙ୍କ କବିତା ଲୋକଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ବୋଲି ଅତିଥିମାନେ ମତ ଦେଇଛନ୍ତି । ଶନିବାରି ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ସଭାକକ୍ଷରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ 'ସାହିତ୍ୟ ମାସିକୀ'ରେ ବିଦ୍ୟୁତପ୍ରଭା ଗନ୍ତାୟତଙ୍କ ଦ୍ୱାରା ବାଜାପାୟୀଙ୍କ କବିତାର ଅନୁବାଦ ପୁସ୍ତକ'କବିତା ଅଟଳ' ପାଠକାର୍ପଣ କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ନାଟ୍ୟକାର ପୂର୍ଣ୍ଣ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କବି ବିଜୟ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରାବନ୍ଧିକା ଡ଼. ସଂଘମିତ୍ରା ଭଞ୍ଜ କବିତାଗୁଡିକ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଅନୁବାଦକା ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ଶେଷରେ ବୀଣାପାଣି ମିଶ୍ର ଓ ମଧୁମିତା ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଧ୍ରୁବ ଚରଣ ସେଠୀ, ଚନ୍ଦନ ସିଂ, ଚିତ୍ତରଞ୍ଜନ ବର୍ମା, ଶ୍ରୀମନ୍ତ ନନ୍ଦ, ମିହିର କୁମାର ରଥ ଶର୍ମା, ବିଜୟ ମଲ୍ଲିକ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଆର୍ତବନ୍ଧୁ ଦାସ, ପ୍ରହରାଜ ଜୟନାରାୟଣ ନନ୍ଦ, ନିରଞ୍ଜନ ମିଶ୍ର, ଘନ ବିହାରୀ ମହାରଣା, ଶ୍ୟାମାକିଙ୍କର ମହାନ୍ତି, ଅରୁଣ ଡାକୁଆ, ସୁବ୍ରତ ରଥ, ମନମୋହନ ମିଶ୍ର, ପ୍ରଦୀପ୍ତ ବାରିକ, ସନ୍ତାପ ଜେନା, ପ୍ରମୋଦ ପ୍ରଧାନ ପ୍ରମୁଖ ସ୍ୱରଚିତ ଲେଖା ପାଠ କରିଥିଲେ । ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୫ ଲିଟର ବିଅର ଜବତ, ଜଣେ ବ୍ୟବସାୟୀ ଗିରଫ

**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ପୋଲିସ ପକ୍ଷରୁ ଗୋନା ସାପ୍ତାହିକ ହାଟରେ ଚଢ଼ଉ କରି ବେଆଇନ ଭାବେ ବିଅର ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୫ ଲିଟର ବିଅର ଜବତ କରାଯାଇଛି। ଏହି ଘଟଣା ପରେ ରାଇଘର ଅଞ୍ଚଳରେ ବେଆଇନ ବିଦେଶୀ ମଦ କାରବାରକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ରାଇଘର ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୋନା ସାପ୍ତାହିକ ହାଟରେ ଚଢ଼ଉ କରିଥିଲେ। ସେଠାରେ ବିଜେନ୍ଦ୍ର ମଣ୍ଡଳ ନାମକ ବ୍ୟକ୍ତି ବେଆଇନ ଭାବେ ବିଅର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ମୋଟ ୪୫ ଲିଟର ବିଅର, ଅର୍ଥାତ ୫୨ଟି ବିଅର ବୋତଲ ଓ ୧୩ଟି କେନ୍ ବିଅର ଜବତ କରାଯାଇଛି। ରାଇଘର ଅଞ୍ଚଳରେ ଦିନକୁ ଦିନ ବେଆଇନ ବିଦେଶୀ ମଦ କାରବାର ବଢୁଥିବା ଅଭିଯୋଗ ହୋଇଆସୁଛି। ସରକାରୀ ଭାବେ ରାଇଘରରେ ଦୁଇଟି ଏବଂ ହାଟଭରଣ୍ଡୀରେ ଗୋଟିଏ ଅନୁମୋଦିତ ବିଦେଶୀ ମଦ ବିକ୍ରୟ କେନ୍ଦ୍ର ଥିବା ସତ୍ତ୍ୱେ, ଗାଁ ଗାଁରେ ଓ ସାପ୍ତାହିକ ହାଟରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି। ଏହି ମଦ କେଉଁଠାରୁ ଆସୁଛି ଏବଂ କିପରି ଗ୍ରାମାଞ୍ଚଳରେ ପହଞ୍ଚୁଛି, ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠୁଛି। ପୋଲିସକୁ ମିଳିଥିବା ସୂଚନା ଆଧାରରେ ଗତକାଲି ଏହି ଚଢ଼ାଉ କରାଯାଇଥିଲା। ଘଟଣା ସମ୍ପର୍କରେ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବେଆଇନ ମଦ କାରବାରର ଉତ୍ସ ଏବଂ ଏଥିରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆ ସୂଚନା ଦେଇଛନ୍ତି।

# ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ୧୪୮ତମ ମାସିକ ଆଲୋଚନା ଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଡ଼ାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ୧୪୮ତମ ମାସିକ ଆଲୋଚନା ଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରରେ ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଂ ପ୍ରଭାତ କୁମାର ପାଢୀ, ବକ୍ତା ଓ ଆଲୋଚକ ଭାବେ ବିରଜା ପ୍ରସାଦ ଶତପଥୀ, ଇଂ ସୁବାସ ଚନ୍ଦ୍ର ସାହୁ, ମନୋଜ କୁମାର ଜେନା ଯୋଗଦାନ କରି କବିପ୍ରସାଦଙ୍କ ମାନବ ସେବା, ସମାଜ, ସେବା, ସାରସ୍ୱତ ଜଗତକୁ ଅବଦାନ, ଆଧ୍ୟାତ୍ମିକ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। ତାଙ୍କର ସଫଳତା ପଛରେ ଥିଲାଦୃଢ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଏବଂ କଠିନ ପରିଶ୍ରମ। ତାଙ୍କର ଉତ୍ସର୍ଗୀକୃତ ଜୀବନ ସମାଜର ବହୁ ହିତ ସାଧନା କରୁଥିଲା। ପ୍ରାରମ୍ଭରେ ପରିଷଦର ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଡାକ୍ତର ମିଶ୍ରଙ୍କ ସହିତ ବିଭିନ୍ନ ସମୟରେ ଘଟିଥିବା ଦୁର୍ଲଭ ମୁହୂର୍ତ୍ତର ବିଷୟ ବସ୍ତୁ ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। ତାଙ୍କର ଅତି ଲୋକପ୍ରିୟ ପୁସ୍ତକ ବାଇଶି ପାହାଚ କିପରି ଭାରତୀୟ ଆଠଟି ଭାଷାରେ ଅନୁଦିତ ହୋଇ ତାଙ୍କର ଲୋକପ୍ରିୟତା ବଢାଇଛି ତାହା ବର୍ଣ୍ଣନା କରିଥିଲେ। ସମିତ ରାଉତ ଭଜନ ଗାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏସଏଫ୍ କମାଣ୍ଡାଣ୍ଟଙ୍କୁ ୭୬ ଲକ୍ଷ ନଗଦ ଟଙ୍କା ସହ ଆରେଷ୍ଟ କଲା ସିବିଆଇ

**କେରଳ :**

କେରଳର ପାଥାନାମଥିଟ୍ଟା ନିବାସୀ ଏବଂ ସୀମା ସୁରକ୍ଷା ବଳ (ବିଏସଏଫ୍)ର କମାଣ୍ଡାଣ୍ଟ ଜିବୁ ଡି. ମାଥ୍ୟୁଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଶାଲିମାର ଏକ୍ସପ୍ରେସରେ ଯାତ୍ରା କରୁଥିବା ସମୟରେ ସିବିଆଇ ତାଙ୍କ ବ୍ୟାଗରୁ ପ୍ରାୟ ୭୬ ଲକ୍ଷ ଅଘୋଷିତ ନଗଦ ଟଙ୍କା ଜବତ କରିଥିଲା।

ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ନିୟୋଜିତ ଥିବା ଏହି ଅଫିସରଙ୍କ ବିରୋଧରେ ସୀମାପାର ବେଆଇନ କାରବାର, ଗୋରୁ ଚାଲାଣ ଏବଂ ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେବା ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି। ଗିରଫଦାରୀ ପରେ ସିବିଆଇ ତାଙ୍କର କେରଳସ୍ଥିତ ବାସଭବନରେ ଚଢ଼ଉ କରି ୯୬ କୋଟି ଟଙ୍କାର ଅସାଧାରଣ ସମ୍ପତ୍ତି ଓ ନଗଦ ଟଙ୍କା ଜବତ କରିଛି। ସୀମା ସୁରକ୍ଷା ଭଳି ସମ୍ବେଦନଶୀଳ ଦାୟିତ୍ୱରେ ଥାଇ ଏପରି ଦୁର୍ନୀତିରେ ଲିପ୍ତ ରହିବା ଘଟଣା ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ ଗଭୀର ଚିନ୍ତା ସୃଷ୍ଟି କରିଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହଣ ମହଣ...

ଲାଗିହେବ । ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାର ଶେଷ ପର୍ବ ପବିତ୍ର ନୀଳାଦ୍ରି ବିଜେ ଉତ୍ସବ ଓ ରସଗୋଲା ଦିବସ ଅବସରରେ କଟକ ସିଗ୍ନେଚର ପରିଚାଳନା କମିଟି(ଏସ. ଏମ. ସି. ) ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀର ଶ୍ରୀକୃଷ୍ଣ ସିନେମା ଗଳି ନିକଟ ପାପୁଡିଆ ମଠ ଠାରେ ପ୍ରାୟ ୩୦ ହଜାର ରସଗୋଲା ମହାପ୍ରଭୁଙ୍କୁ ମଣୋହି କରିବା ସହ ଭକ୍ତ ମାନଙ୍କୁ ନିଃଶୁଳ୍କ ବଂଟନ କରାଯିବ।

## ସୁନାବେଶ ପାଇଁ ...

କରିବା ନେଇ ଧ୍ୟାନ ଦେବାକୁ କୁହାଯାଇଥିଲା । ବେଶରେ ଥାଇ ଠାକୁରଙ୍କ ସନ୍ଧ୍ୟା ଧୂପ ହୋଇଥିଲା । ରାତି ୯ଟା ୧୫ରେ ମହାଦୀପ ବନ୍ଦାପନା, ରାତ୍ର ୧୦ଟାରୁ ୧୧ଟା ମଧ୍ୟରେ ସୁନା ବେଶ ମଇଲମ କରାଯାଇଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି ।

## ଗୁଗୁଲ୍ ଉପରେ...

ତଦନ୍ତ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି, ଏହି କାର୍ଯ୍ୟକୁ ଆମେରିକୀୟ କମ୍ପାନୀଗୁଡ଼ିକର 'ଅନ୍ୟାୟ ଆଚରଣ' ବୋଲି କହିଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ତଦନ୍ତରେ ଅଭିଯୋଗ ସତ୍ୟ ବୋଲି ଜଣାପଡ଼େ, ତେବେ ୟୁରୋପୀୟ ୟୁନିୟନ୍ ଉପରେ ନୂତନ ଏବଂ ଭାରୀ ଶୁଳ୍କ ଲାଗୁ କରାଯାଇପାରେ।

## ହାଜର ହେଲେନି ...

କନଫରେନ୍ସିଂରେ ପକ୍ଷ ରଖିବାକୁ ଜଣାଇଛନ୍ତି। ଫାଇଲ ହଜିବା ପ୍ରସଙ୍ଗରେ ଶନିବାର ଦିନ ୧୧ଟା ସୁଦ୍ଧା ହାଜର ହେବାକୁ ପାଣ୍ଡିଆନଙ୍କୁ ନୋଟିସ୍ ଜାରି ହୋଇଥିଲା।

## ବଙ୍ଗୋପସାଗରରେ...

ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବାହାଙ୍ଗାଠାରେ ୮୫ ମି.ମି., ଭୋଗରାଇରେ ୫୮ ମି.ମି., ଊପଦାଠାରେ ୫୨ ମି.ମି., କେନ୍ଦୁଝର ଜିଲା ଘଷିପୁରାଠାରେ ୫୧.୩ ମି.ମି., ଆନନ୍ଦପୁରରେ ୫୧ ମି.ମି. ବର୍ଷା ହୋଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀ...

ଭାରତର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ଆମର ରାଜନୈତିକ ଏବଂ ସାମାଜିକ ଜୀବନର ଏକ ନୈତିକ ଦାୟିତ୍ୱ ରହିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଦେଶସେବା କରିବାର ସୁଯୋଗ ମୋତେ ଦେଇଥିବାରୁ ମୁଁ ତାଙ୍କ ପ୍ରତି କୃତଜ୍ଞ। ୩ ମଇ ୨୦୨୬ରେ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ପରେ ଆମର ପ୍ରଥମ ପ୍ରାଥମିକତା ଥିଲା ୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷାକୁ ସୂଚାରୁ ଭାବରେ ସମ୍ପନ୍ନ କରିବା। କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ସହଯୋଗରେ ୨୧ ଜୁନ୍ ୨୦୨୬ରେ ପରୀକ୍ଷା ସଫଳତାର ସହ ସମ୍ପନ୍ନ ହୋଇଥିଲା। ପ୍ରଥମ ଦିନରୁ ମୁଁ ଏହି ପରିସ୍ଥିତିର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିଲି ଏବଂ କେବେବି ଏଥିରୁ ପଛକୁ ହଟିନଥିଲି। ମୋର ଦୃଢ଼ ସଙ୍କଳ୍ପ ଥିଲା ଯେ କୌଣସି ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ 'ପରୀକ୍ଷା ମାଫିଆ' ଯୋଗୁଁ ନଷ୍ଟ ହେବ ନାହିଁ ଏବଂ କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ ହେବ ନାହିଁ। ଜୁଲାଇ ୧୬ରେ ଘୋଷିତ ନିଟ୍ ୟୁଜି ପରୀକ୍ଷାର ଫଳାଫଳ ସନ୍ତୋଷଜନକ ଥିଲା। କିନ୍ତୁ ଏହି ସମୟରେ ମଧ୍ୟ କିଛି ଦାୟିତ୍ୱପୂର୍ଣ୍ଣ ପଦବୀରେ ଥିବା ବ୍ୟକ୍ତି ଛାତ୍ରଛାତ୍ରୀଙ୍କୁ ଭ୍ରମିତ କରିବା ଏବଂ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ଏହା ମୋତେ ଗଭୀର ଭାବେ ବ୍ୟଥିତ କରିଥିଲା। ମୁଁ ସବୁବେଳେ ଆମ ଗଣତନ୍ତ୍ରର ଶକ୍ତି ଉପରେ ଅତୁଟ ବିଶ୍ୱାସ ରଖିଛି ଏବଂ ଯୁବପିଢ଼ିର ସ୍ୱପ୍ନ, ଆଶା ଓ ଆକାଂକ୍ଷାକୁ ସମ୍ମାନ ଦେଇଆସିଛି। ସେମାନେ କେବଳ ଭାରତର ଭବିଷ୍ୟତ ନୁହନ୍ତି; ସେମାନେ ନୂତନ ଓ ବିକଶିତ ଭାରତର ବାହକ, ସୃଷ୍ଟିକର୍ତ୍ତା ଓ ନିର୍ମାତା। ଗତ ଦଶ ଦିନର ଘଟଣା ମୋତେ ଗଭୀର ଭାବେ ବ୍ୟଥିତ କରିଛି। ଏହା ମୋ ପାଇଁ ବ୍ୟକ୍ତିଗତ ପ୍ରତିଷ୍ଠାର ପ୍ରଶ୍ନ ନୁହେଁ। ମୋର ଦୃଢ଼ ସଂକଳ୍ପ ହେଉଛି ଦେଶର ଯୁବପିଢ଼ିକୁ କୌଣସି ପ୍ରକାରର ଭ୍ରମ ଓ ବିଭ୍ରାନ୍ତିରେ ପଡ଼ିବାକୁ ଦେବି ନାହିଁ। ଯନ୍ତର ମନ୍ତର ଏବଂ ଦେଶବ୍ୟାପୀ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ବିଚାର କରି, ରାଷ୍ଟ୍ରବିରୋଧୀ ଶକ୍ତିମାନଙ୍କୁ ଏହାର ସୁଯୋଗ ନେବାରୁ ରୋକିବା, ଜାତୀୟ ଏକତାକୁ ସୁରକ୍ଷିତ ରଖିବା, କୌଣସି ଭାରତୀୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଇନଗତ ଜଟିଳତାରେ ଫସିବାରୁ ବଞ୍ଚାଇବା ଏବଂ ସେମାନଙ୍କୁ ନିଜ ପାଠପଢ଼ା ଓ କ୍ୟାରିୟର ଗଠନରେ ମନୋନିବେଶ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ମୁଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ମୋର ଇସ୍ତଫା ପତ୍ର ଦାଖଲ କରିଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଏବଂ ନିରନ୍ତର ସହଯୋଗ ପାଇଁ ମୁଁ ତାଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଉଛି। ମନ୍ତ୍ରିପରିଷଦର ସମସ୍ତ ସହଯୋଗୀ, ଶିକ୍ଷା ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀ ଏବଂ ଯେଉଁମାନଙ୍କ ସହ କାମ କରିବାର ସୁଯୋଗ ପାଇଛି, ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି। ଦେଶସେବା ମୋ ଜୀବନର ସର୍ବୋଚ୍ଚ ପ୍ରାଥମିକତା ଥିଲା, ଅଛି ଏବଂ ରହିବ। ଭଗବାନ ଜଗନ୍ନାଥଙ୍କ ଆଶୀର୍ବାଦରେ ମୁଁ ଭବିଷ୍ୟତରେ ମଧ୍ୟ ମାତୃଭୂମି ଭାରତ, ଓଡ଼ିଶାର ଜନସାଧାରଣ ଏବଂ ଦେଶର ଯୁବପିଢ଼ିଙ୍କ ଆକାଂକ୍ଷା ପୂରଣ ପାଇଁ ନିଜକୁ ସମର୍ପିତ ରଖିବି। ସୂଚନାଯୋଗ୍ୟ ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କକ୍ରୋଚ୍ ଜନତା ପାର୍ଟି' ପକ୍ଷରୁ ଯନ୍ତର ମନ୍ତର ଠାରେ ଏକ ବିରୋଧ ପ୍ରଦର୍ଶନ ସହ ସରକାରଙ୍କ ନିକଟରେ ୩ଟି ଦାବି ରଖିଥିଲେ। ସେଥିମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଜୀବନ ହାରିଥିବ ନିଟ୍ ଆଶାୟୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଓ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଦାବି ରଖିଥିଲା ସିଜେପି। ଏହି ବିରୋଧକୁ ସମର୍ଥନ ଜଣାଇ ଦେଶର ବିଭିନ୍ନ ସହରରେ ଛାତ୍ର ଆନ୍ଦୋଳନ ଦେଖିବାକୁ ମିଳିଥିଲା।

## ବିଜୟ ପାଇଁ ...

ଏକ ଦୃଢ଼ ଗଣତନ୍ତ୍ରର ଅବିଚ୍ଛେଦ୍ୟ ମୂଲ୍ୟବୋଧ। ଜନତାଙ୍କ ଇଚ୍ଛାଠାରୁ କେହି ଉର୍ଦ୍ଧ୍ୱରେ ନୁହଁନ୍ତି। ଆମ ଦେଶର ଲୋକଙ୍କ ସ୍ୱର, ବିଶେଷକରି ଯୁବପିଢ଼ିଙ୍କ ସ୍ୱର, ଶୁଣାଯିବା ଉଚିତ। ଭାରତର ଭବିଷ୍ୟତ ଯୁବପିଢ଼ିଙ୍କର। ମୁଁ ସେମାନଙ୍କୁ ଶୁଭକାମନା ଜଣାଉଛି।

## ଧର୍ମେନ୍ଦ୍ରଙ୍କୁ ...

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ 'ଜାତୀୟ ଶିକ୍ଷା ନୀତି (ଏନଇପି ୨୦୨୦)' ଭଳି ଐତିହାସିକ ନୀତିକୁ କାର୍ଯ୍ୟକାରୀ କରିବା ସହ ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି। ବୃହତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତିଆଦର୍ଶର ପରିଚାୟକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଦିନରେ ତାଙ୍କର ଏହି କର୍ମମୟ ଯାତ୍ରା ଆହୁରି ଅଧିକ ସଫଳତା ଓ ପ୍ରତିଷ୍ଠା ଆଣିଦେବ ବୋଲି ଆମେ ସମସ୍ତେ ଦୃଢ଼ ବିଶ୍ୱାସୀ।

## ବାହୁଡା ଯାତ୍ରା :...

ଅତୀତର ତ୍ରୁଟିରୁ ଶିଖିବାର ମନୋବୃତ୍ତି ଏହି ସରକାରର ନାହିଁ। ଗୋଟିଏ ପରେ ଗୋଟିଏ ଅଘଟଣ ପ୍ରତିବର୍ଷ ରଥଯାତ୍ରା ସମୟରେ ଘଟୁଛି, ଲୋକଙ୍କ ଜୀବନ ଯାଉଛି, ରାଜ୍ୟ ବଦନାମ ହେଉଛି କିନ୍ତୁ ସରକାରଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଭୁଲରୁ ଶିଖିବା ପରିବର୍ତ୍ତେ ସବୁକିଛି କାମଚଳା ନୀତିରେ କରାଗଲା ଭଳି ଅନୁଭବ ହେଉଛି। ଆଉ କେତେ ଅଘଟଣ ପରେ ସରକାର ସଚେତନ ହେବେ? ପ୍ରତି ବର୍ଷ ଏପରି ଘଟୁଥିବା ବେଳେ ସରକାର ଏଥିରୁ କିଛି ନଶିଖିବା ଆହୁରି ଦୁର୍ଭାଗ୍ୟଜନକ। ବିରୋଧୀ ଦଳ ନେତା କହିଛନ୍ତି ଯେ, ସୁନାବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଘୋଷଯାତ୍ରାର ଦେବନୀତି କିଭଳି ବିନା କୌଣସି ବିଭ୍ରାଟରେ ଶେଷ ହେବ ସରକାର ସେଥିପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଅକାଳରେ ପ୍ରାଣ ନହରାନ୍ତୁ।

# ବଦଳୁଥିବା ବିଶ୍ୱ ବାଣିଜ୍ୟ ପରିସ୍ଥିତି, ରପ୍ତାନିର ବିବିଧୀକରଣ ଏବଂ ନବସୃଜନ ଉପରେ ଅଧିକ ଜୋର ଦେବା ଆବଶ୍ୟକ




**ନୂଆଦିଲ୍ଲୀ :**

ବୈଶ୍ୱିକ ପ୍ରତିସ୍ପର୍ଦ୍ଧାରେ ନିଜର ସ୍ଥିତି ସୁଦୃଢ଼ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ ରପ୍ତାନି କ୍ଷେତ୍ରରେ ବିବିଧୀକରଣ କରିବା, ନୂତନ ବିଦେଶୀ ବଜାରର ସନ୍ଧାନ କରିବା ଏବଂ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ଜଣେ ସରକାରୀ ଅଧିକାରୀ ଗୁରୁବାର କହିଛନ୍ତି।

ଅନେକ ଦେଶ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ସଂରକ୍ଷଣମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ବିଶ୍ୱ ବାଣିଜ୍ୟ ପରିଦୃଶ୍ୟ ଦ୍ରୁତ ଗତିରେ ବଦଳୁଛି ବୋଲି ଇସ୍ପାତ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ଅଶ୍ୱିନୀ କୁମାର କହିଛନ୍ତି। ଜାତୀୟ ରାଜଧାନୀରେ ଆସୋଚାମ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ ଷ୍ଟିଲ୍ କନକ୍ଲେଭ-୨୦୨୬କୁ ସମ୍ବୋଧିତ କରି ସେ କହିଥିଲେ, 'କାର୍ବନ ବର୍ଡର ବ୍ୟବସ୍ଥା ଏବଂ ଶୁଳ୍କ ସମ୍ବନ୍ଧୀୟ ପଦକ୍ଷେପ ଯୋଗୁଁ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ବାଣିଜ୍ୟ ପରିସ୍ଥିତିରେ ବୈଶ୍ୱିକ ପ୍ରତିସ୍ପର୍ଦ୍ଧା ବଜାୟ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ପ୍ରଯୁକ୍ତି ଏବଂ ଗବେଷଣା ଓ ବିକାଶକୁ ସୁଦୃଢ଼ କରିବା ସହ ରପ୍ତାନି ବଜାରର ବିବିଧୀକରଣ କରିବା ଆବଶ୍ୟକ।'

ଯୁକ୍ତରାଷ୍ଟ୍ର ଏବଂ ୟୁରୋପୀୟ ସଂଘ ଉଭୟ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେଉଁଠାରେ ଯୁକ୍ତରାଷ୍ଟ୍ର ସେକ୍ସନ୍-୨୩୨ ଲାଗୁ କରିଛି, ସେଠାରେ ୟୁରୋପୀୟ ସଂଘ ଉଚ୍ଚ କାର୍ବନ ନିର୍ଗମନ ପ୍ରକ୍ରିୟାରେ ଉତ୍ପାଦିତ ଇସ୍ପାତକୁ ନିରୁତ୍ସାହିତ କରିବା ପାଇଁ କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଆର୍ସେଲର ମିତ୍ତଲ୍ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆର କର୍ପୋରେଟ୍ କମ୍ୟୁନିକେସନ୍ସ ମୁଖ୍ୟ ତୁଷାର ମକ୍କର ବୈଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ପାତ ଶିଳ୍ପ ପାଇଁ କଞ୍ଚାମାଲର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେ କହିଥିଲେ, 'କଞ୍ଚାମାଲର ନିରାପତ୍ତା ଏବେ ମଧ୍ୟ ଏକ କୌଶଳଗତ ଚିନ୍ତାର ବିଷୟ ହୋଇ ରହିଛି। ଭାରତ ତାହାର ପ୍ରାୟ ୮୫ ପ୍ରତିଶତ କୋକିଂ କୋଇଲା ଆବଶ୍ୟକତା ପାଇଁ ଆମଦାନି ଉପରେ ନିର୍ଭରଶୀଳ । ଫଳରେ ଦେଶର ଇସ୍ପାତ ଉତ୍ପାଦକମାନେ ଯୋଗାଣ ଶୃଙ୍ଖଳାରେ ବାଧା, ପରିବହନ ଖର୍ଚ୍ଚର ଅସ୍ଥିରତା, ଭୂ-ରାଜନୈତିକ ବିପଦ ଏବଂ କଞ୍ଚାମାଲ ମୂଲ୍ୟର ଉତ୍ଥାନ-ପତନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।' ସେ ଆହୁରି କହିଥିଲେ, 'ଏହା ସହିତ ଭବିଷ୍ୟତରେ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧିକୁ ସମର୍ଥନ କରିବା ପାଇଁ ଲୁହାପଥର ସମ୍ପଦର ଦୀର୍ଘମିଆଦି ଏବଂ ନିର୍ଭରଯୋଗ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ।'

ସିବିଏଏମ୍ କାର୍ଯ୍ୟକାରୀ ହେବା ପରେ ଉଚ୍ଚ ମୂଲ୍ୟଯୁକ୍ତ ରପ୍ତାନି ବଜାରରେ ପ୍ରବେଶ କେବଳ ଇସ୍ପାତର ଗୁଣବତ୍ତା ଓ ମୂଲ୍ୟ ଉପରେ ନିର୍ଭର କରିବ ନାହିଁ, ବରଂ ଉତ୍ପାଦନ ପ୍ରକ୍ରିୟାରେ କେତେ ପରିମାଣରେ କାର୍ବନ ନିର୍ଗମନ ହେଉଛି, ତାହା ମଧ୍ୟ ଏକ ପ୍ରମୁଖ ମାନଦଣ୍ଡ ହେବ।ସେ କହିଛନ୍ତି ଯେ, ଭାରତୀୟ ଇସ୍ପାତ ଶିଳ୍ପରେ କାର୍ବନ ନିର୍ଗମନର ମାତ୍ରା ଅଧିକ ଥିବାରୁ ଭବିଷ୍ୟତରେ ୟୁରୋପୀୟ ସଂଘକୁ ଭାରତର ଇସ୍ପାତ ରପ୍ତାନି କରିବା ଅଧିକ କଠିନ ହୋଇପାରେ।

କୁମାର କହିଥିଲେ, 'ମୁଁ ଏହାକୁ ଏକ ସକାରାତ୍ମକ ଦୃଷ୍ଟିକୋଣରୁ ଦେଖିବାକୁ ଚାହୁଁଛି। ଏହା ଭାରତୀୟ ଇସ୍ପାତ ଶିଳ୍ପର ଆଧୁନିକୀକରଣ, ପ୍ରଯୁକ୍ତି ଏବଂ ଉତ୍ପାଦନ ପ୍ରକ୍ରିୟାର ଉନ୍ନତି, କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଏବଂ ଦୀର୍ଘମିଆଦିରେ ବୈଶ୍ୱିକ ପ୍ରତିସ୍ପର୍ଦ୍ଧାକୁ ଆହୁରି ସୁଦୃଢ଼ କରିବାର ଏକ ସୁଯୋଗ।'ସେ ଆହୁରି କହିଥିଲେ, 'ଉପଯୁକ୍ତ ନୀତିଗତ ସହଯୋଗ, ନିରନ୍ତର ନବସୃଜନ, ପ୍ରଯୁକ୍ତିରେ ବିନିଯୋଗ ଏବଂ ସରକାର ଓ ଶିଳ୍ପ ମଧ୍ୟରେ ଘନିଷ୍ଠ ସମନ୍ୱୟ ମାଧ୍ୟମରେ ଭାରତୀୟ ଇସ୍ପାତ କ୍ଷେତ୍ର କେବଳ ଏହି ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିବ ନାହିଁ, ବରଂ ଅଧିକ ସଶକ୍ତ ଏବଂ ବୈଶ୍ୱିକ ସ୍ତରରେ ଅଧିକ ପ୍ରତିସ୍ପର୍ଶୀ ହୋଇ ଉଭା ହେବ ବୋଲି ମୁଁ ଦୃଢ଼ ଭାବେ ବିଶ୍ୱାସ କରୁଛି।'

# ରଥଯାତ୍ରାକୁ ନେଇ ଅତ୍ୟନ୍ତ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବିଜେଡି: ବିଜେପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେପି ସରକାର ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ସାଧାରଣଜନତାଙ୍କ ସହଯୋଗରେ ଭରପୁର ପ୍ରୟାସ କରିଛି । ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ଦର୍ଶନାର୍ଥୀଙ୍କ ଭିଡ଼ ଆଶାତୀତ ଭାବେ ବୃଦ୍ଧି ପାଇଛି । ସେହି ପରିପ୍ରେକ୍ଷୀରେ କାଁ ଭାଁ କିଛି ଅସ୍ୱାଭାବିକ ଘଟଣା ଘଟିବା ଆମ୍ଭମାନଙ୍କୁ ମର୍ମାହତ କରିଛି। ଯେଉଁମାନଙ୍କ ଦେହାନ୍ତ ହୋଇଛି ସେନେଇ ସରକାର ଦୁଃଖ ପ୍ରକାଶ କରିବା ସହ କେଉଁ ପରିସ୍ଥିତରେ ଏଭଳି ଦୁର୍ଘଟଣା ହୋଇଛି, ତାହାର କାରଣ ଓ ନିରାକଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ଏନେଇ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ଏବଂ ଦୁର୍ଘଟଣା ସମ୍ପର୍କରେ ସ୍ୱଷ୍ଟତା ଆସିଲା ପରେ ପ୍ରତ୍ୟେକ ବିଷୟରେ ଅନୁସନ୍ଧାନ କରାଯିବ । କିନ୍ତୁ ବିଜୁ ଜନତା ଦଳ ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଅତ୍ୟନ୍ତ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିଂରଚି ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ରଥଯାତ୍ରା ହେଉ ବା ତଦନ୍ତ କମିଶନ ହେଉ, ସେ ସମ୍ପର୍କରେ କିଛି କହିବା ପାଇଁ ବିଜେଡିର କୌଣସି ନୈତିକ ଅଧିକାର ନାହିଁ । ବିଜେଡି ହେଉଛି ସେହି ଦଳ, ଯିଏ କୋଭିଡ ସମୟରେ ରଥଯାତ୍ରା ବନ୍ଦ କରିବାକୁ ସବୁପ୍ରକାର ପ୍ରୟାସ କରିଥିଲା । ବିଜୁ ଜନତା ଦଳ ବିଗତ ୨୪ ବର୍ଷ ଶାସନକାଳ ମଧ୍ୟରେ ବିଭିନ୍ନ ଦୁର୍ଘଟଣାକୁ ଓ ବିଷୟକୁ ଚପାଇ ଦେବା ପାଇଁ ଚବିଶଟି କମିଶନ ବସେଇଥିଲା । କିନ୍ତୁ କୌଣସି ଗୋଟିଏ ବି କମିଶନଙ୍କ ରିପୋର୍ଟ ନା ବିଧାନସଭାରେ ଉପସ୍ଥାପିତ ହୋଇଥିଲା ନା ସାର୍ବଜନୀନ କରାଯାଇଥିଲା ନା କମିଶନଙ୍କ ସୁପାରିଶ ଆଧାରରେ କାହା ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ୧୯୯୩ ମସିହାରେ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର ଥିଲାବେଳେ ଜଗନ୍ନାଥଙ୍କ ନାର୍ଗାର୍ଜୁନ ବେଶ ବେଳେ ଦଳାଚକଟା ହୋଇ ୬ ଜଣ ଭକ୍ତଙ୍କ ପ୍ରାଣହାନୀ ହୋଇଥିଲା । ଏହି ଦୁର୍ଘଟଣାର ତଦନ୍ତ ପାଇଁ ଗଠିତ ହୋଇଥିବା ତଦନ୍ତ କମିଶନଙ୍କ ରିପୋର୍ଟକୁ ହଜାଇଦିଆଯାଇଥିଲା । ରିପୋର୍ଟ ହଜିବାର ତଦନ୍ତ କରିବା ପାଇଁ, ୨୦୦୬ ମସିହାରେ ଜଷ୍ଟିସ ପି.କେ ମହାନ୍ତି କମିଶନ ଗଠନ କରାଯାଇଥିଲା। କିନ୍ତୁ ଉକ୍ତ କମିଶନଙ୍କ ରିପୋର୍ଟ ମଧ୍ୟ ଓଡ଼ିଶାବାସୀ ଜାଣିପାରିଲେ ନାହିଁ। ତେଣୁ କମିଶନ ତଦନ୍ତ ନାମରେ ବିଜେଡି ଏଭଳି ନାଟକ ଓ ଘୃଣ୍ୟ ରାଜନୀତି କରିବା ବନ୍ଦ କରୁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

ଭୁବନେଶ୍ୱର, ୨୬ ଜୁଲାଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ପୁରୀ : ଶ୍ରୀଜୀଉଙ୍କ ସୁନାବେଶ ନିମନ୍ତେ ସେବାୟତମାନେ ଶ୍ରୀମନ୍ଦିରରୁ ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ଆଣୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା

## ଶ୍ରୀମନ୍ଦିର ଆଗରେ କାଳିଆ, ଅଧା ବାଟରେ ସୁଭଦ୍ରା, ମାଉସୀ ଘର ଆଗରେ ବଳିଆ

**ବାରିପଦା, ୨୫/୭**
**ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ବାହୁଡ଼ା ଯାତ୍ରାର ଶନିବାର ପ୍ରଥମ ଦିନରେ ରଥ ଉପରେ ତିନିଠାକୁର ଏକାଦଶୀ ପାଳନ କରିଥିଲେ। ଦିନ ୨.୩୦ ମିନିଟ ସମୟରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ୧୬ ଚକ ବିଶିଷ୍ଟ ନନ୍ଦିଘୋଷ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରୁ ଭକ୍ତମାନେ ଟାଣିନେଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ପରେ ପରେ ଦେବୀ ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତମାନେ ଟାଣିନେଇ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ବହୁ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ ରଥଟାଣି ଥିବା



ବେଳେ, କାଳିଆର ନନ୍ଦିଘୋଷ ରଥଦଉଡି ଟିକେ ଧରିବାକୁ ଭକ୍ତମାନେ ବ୍ୟାକୁଳ ହୋଇ ପରସ୍ପର ଭିତରେ ପ୍ରତିଯୋଗିତା କରୁଥିଲେ। ରଥଯାତ୍ରା ପାଇଁ ବାରିପଦା ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା। ବଡ଼ ଦାଣ୍ଡରେ ଖୋଲ କୀର୍ତ୍ତନ, ଓଡ଼ିଶୀ, ଛଉ, ପାଇକ ନୃତ୍ୟ ସହ ଆଦିବାସୀ ନୃତ୍ୟର ଝଲକ ମଧ ଦେଖିବାକୁ ମିଳିଥିଲା। ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିସହ ଜୟ ଜଗନ୍ନାଥ ଏବଂ ହରିବୋଲ ହୁଳହୁଳି ଧ୍ୱନୀରେ ଉଛୁଳି ପଡୁଥିଲା ୨ୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡ। ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବ୍ୟାକୁଳ ହେଉଥିଲେ ହଜାର ହଜାର ଭକ୍ତ। ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧାରା ବିବରଣୀ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବଡ଼ ଦାଣ୍ଡର ବିଭିନ୍ନ ସ୍ଥାନରେ ଧାରା ବିବରଣୀ ପ୍ରଦାନ କରାଯାଉଥିଲା। ତେବେ ବର୍ଷା ପାଗ ଲାଗି ରହିଥିଲେ ମଧ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ସମଗ୍ର ବାରିପଦା ବଡ଼ଦାଣ୍ଡ ରଥମୟ ହୋଇ ରହିଥିବାରୁ ଏବଂ ରଥ ଉପରେ ଶ୍ରୀ ବିଗ୍ରହ ମାନେ ବିରାଜମାନ କରିଥିବାରୁ ବର୍ଷା ସତ୍ତ୍ୱେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ ଏବଂ ପୂଜା କରିବାକୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଲାଗିଛି। ତେବେ ଛୋଟ ମୋଟ ଘଟଣାକୁ ଛାଡି ଦେଲେ ମୋଟାମୋଟି ଶାନ୍ତି ଶୃଙ୍ଖଳାରେ ପ୍ରଥମ ଦିନର ରଥଟଣା କାର୍ଯ୍ୟ ସମ୍ପାଦିତ ହୋଇଛି। ତେବେ ସମଗ୍ର ବଡ଼ଦାଣ୍ଡ ସହ ନିକଟବର୍ତ୍ତୀ ଅଞ୍ଚଳରେ ରଥ ଯାତ୍ରା ପାଇଁ ମୀନାବଜାର, ଦୋଳି, ବିଭିନ୍ନ ବ୍ୟବସାୟୀ ଓ ଉଠା ଦୋକାନୀମାନେ ପସରା ମେଲାଇଛନ୍ତି।

# ଶ୍ରୀବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ ସଂପନ୍ନ

**ଭୁବନେଶ୍ୱର, ୨୫ । ୭**
**ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସଂପନ୍ନ ହୋଇଯାଇଛି। ଏଠାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ମଧ ମହାଆଡ଼ମ୍ବରରେ ସଂପନ୍ନ ହୋଇଥିଲା। ବାହୁଡ଼ାରେ ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀକ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ। ଶନିବାର ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥାଏ। ଭକ୍ତମାନେ ଶନିବାର



ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ ଦେଖିବାର ସୁଯୋଗ ପାଇଥିଲେ। ସୁନାବେଶରେ ସାଧାରଣତଃ ଠାକୁରମାନଙ୍କର ଶ୍ରୀପୟର, ଶ୍ରୀଭୂଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥାଏ। ପରମ୍ପରା ଅନୁସାରେ ଉପରୋକ୍ତ ସ୍ୱର୍ଣ୍ଣ ଅଳଙ୍କାରମାନ ଠାକୁରଙ୍କ ଦେହରେ ଶୋଭା ପାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧାତ୍ମିକମୟ କରି ତୋଳିଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ ଅନୁଷ୍ଠିତ ହୋଇଥିଲା।

# ସ୍କୁଟିକୁ ଧକ୍କା ଦେଲା ହାଇୱା

## ଚାଲିଗଲା ବାପା-ଝିଅଙ୍କ ଜୀବନ : ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

### ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଖୋର୍ଦ୍ଧା, ୨୫।୭**
**ନ୍ୟୁଜ ବ୍ୟୁରୋ**

ଗଙ୍ଗପଡା ଛକ ନିକଟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ସ୍କୁଟିକୁ ଧକ୍କା ଦେଲା ହାଇୱା । ସ୍କୁଟିରେ ଯାଉଥିବା ବାପା ଓ ଝିଅଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ୧୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । କିଛି ସମୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଗଙ୍ଗପଡ଼ା ଛକ ନିକଟରେ ସଡ଼କ ଦୁର୍ଘଟଣାରେ ବାପ ଝିଅଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଏହା ସହିତ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୫/୦୭/୨୦୨୬
୩,୨୭,୨୦୩/- ଟଙ୍କା
ସୁନା:- ୦୧ଗ୍ରାମ୍/୮୦୦ ମିଲିଗ୍ରାମ
ରୂପା:- ୭୬ଗ୍ରାମ୍/୦୦୦ ମିଲିଗ୍ରାମ

# ନାଳ ପାଲଟିଛି ଜନତାଙ୍କ ଦୁଃଖ : ଜୀବନ ଜୀବିକା ବିପନ୍ନ

**ଅନୁଗୋଳ, ୨୫/୦୭**
**ନ୍ୟୁଜ ବ୍ୟୁରୋ**

ମାତେଲୀ ନାଳ ସାଜିଛି ଲୋକଙ୍କ ଦୁଃଖ। ବର୍ଷା ପାଣିରେ ଭାଙ୍ଗିଗଲା ଅସ୍ଥାୟୀ ପୋଲ। ଧୋଇ ନେଲା ରାସ୍ତା। ପ୍ରାୟ ୫ ଶହରୁ ଅଧିକ ଲୋକ ଏବେ ଗାଁରୁ ବାହାରକୁ ବାହାରି ପାରୁ ନାହାନ୍ତି। ବାହ୍ୟ ଜଗତରୁ ବିଛିନ୍ନ ହେବା ସହ ସେମାନଙ୍କ ଜୀବନ ଆଉ ଜୀବିକା ଉଭୟ ବିପନ୍ନ ହୋଇ ପଡ଼ିଛି । ଏଭଳି ସ୍ଥିତି ଦେଖିବାକୁ ମିଳିଛି, ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତରେ । ଦୁଇଟି ଗାଁର ଲୋକେ ନିର୍ଭର କରୁଥିବା ଏକମାତ୍ର ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯିବା ପରେ ଲୋକେ ଗାଁ ଭିତରେ ବନ୍ଦୀ ଭଳି ଜୀବନ ଅତିବାହିତ କରୁଛନ୍ତି ।



ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତରେ ଅବସ୍ଥିତ ଝାରସାହି ଓ କଣ୍ଟାପାଳ ଗାଁ । ଏହି ଦୁଇ ଗାଁରେ ପ୍ରାୟ ୫ ଶହରୁ ଅଧିକ ଲୋକ ବସବାସ କରନ୍ତି । ଅଧିକାଂଶ ପନିପରିବା ଚାଷ କରି ଜୀବିକା ନିର୍ବାହ କରନ୍ତି । ଆଉ କିଛି ଲୋକ ବାହାରକୁ ମୁଲ ମଜୁରୀ କରିବାକୁ ଯାଆନ୍ତି । ଅତ୍ୟନ୍ତ ଦୁଃଖ କଷ୍ଟରେ ଚଳୁଛନ୍ତି ଲୋକେ । ହେଲେ ଗାଁ ନିକଟରେ ବହି ଯାଉଥିବା ମାତେଲୀ ନାଳ ସେମାନଙ୍କ ପାଇଁ ପ୍ରତି ବର୍ଷ ବର୍ଷା ଦିନେ ଆଣିଦିଏ ଦୁଃଖ । ମୁଖ୍ୟ ରାସ୍ତାରୁ ପ୍ରାୟ ଦୁଇ କିଲୋମିଟର କଚ୍ଚା ରାସ୍ତାରେ ଗଲେ ଗାଁ ଅବସ୍ଥିତ । ରାସ୍ତାରେ ମାତେଲୀ ନାଳ ବହି ଯାଉଥିବାରୁ ବର୍ଷା ହେଲେ ରାସ୍ତାଟି ଧୋଇ ହୋଇ ଯାଉଛି । ଫଳରେ ବର୍ଷା ଦିନେ ଗାଁଟି ସମ୍ପୂର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଉଛି।

ବର୍ଷ ବର୍ଷ ଧରି ଏଭଳି ଅସୁବିଧା ହେଉଥିବାରୁ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି । ସେମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ହାଟ ବଜାରକୁ ବିକ୍ରି ପାଇଁ ଯାଇ ପାରୁନାହିଁ । ପିଲାମାନେ ସ୍କୁଲ କଲେଜ ଯାଇ ପାରୁ ନାହାନ୍ତି । ଗୁରୁତର ରୋଗୀକୁ ଡାକ୍ତରଖାନା ନେବା କଷ୍ଟକର ହୋଇ ପଡୁଛି । ଦିନ ମଜୁରିଆ କାମ କରିବାକୁ ବାହାରକୁ ଯାଇ ପାରୁ ନାହାନ୍ତି । ଏପରି ପରିସ୍ଥିତି ନେଇ ଗତ କିଛି ବର୍ଷ ପୂର୍ବେ ଲୋକେ ନିଜ ନିଜ ଭିତରେ ଚାନ୍ଦା କରି ରାସ୍ତାରେ ମାଟି ପକାଇଥିଲେ। ହୋମ୍ ପାଇପ୍ ଲଗାଇ ନାଳ ପାଣିକୁ ପ୍ରବାହିତ କରାଇ ଥିଲେ । ହେଲେ ଚଳିତ ବର୍ଷ ଗତ କିଛି ଦିନ ପୂର୍ବେ ଯେଉଁଭଳି ଭାବେ ଲଗାଣ ବର୍ଷା ହୋଇଯାଇଛି, ସେଥିରେ ନାଳରେ ପ୍ରବଳ ବଢ଼ି ପାଣି ଆସି ସେହି ପାଇପ ଶହ ରାସ୍ତାଟି ସମ୍ପୂର୍ଣ୍ଣ ଭସେଇ ନେଇଛି । ଆଉ ସେ ରାସ୍ତାରେ ଯାତାୟାତ କରିବା ଆଦୌ ସମ୍ଭବ ହୋଇପାରୁ ନାହିଁ ।

ଦୁଇଟି ଯାକ ଗାଁରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କ ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନୁହେଁ । ତେଣୁ ସେମାନେ ନିଜେ ଚାହିଁଲେ ମଧ ଅଧିକ ଅର୍ଥ ବ୍ୟୟ କରି ରାସ୍ତାଟିକୁ ଯାତାୟାତ ଉପଯୋଗୀ କରିପାରୁ ନାହାନ୍ତି । ତେଣୁ ଗ୍ରାମବାସୀ ସମୂହ କେବଳ ଶ୍ରମ ଦାନ କରି ବର୍ଷା ଛାଡ଼ିଲେ କିଛି ମାଟି ପକାଇ ଯିବା ଆସିବା କରୁଛନ୍ତି। ହେଲେ ଅତି ପ୍ରବଳ ବର୍ଷା ହେଲେ ସେମାନଙ୍କ ଦୁର୍ଦ୍ଦଶା ବଢ଼ି ଯାଉଛି । ଚଳିତ ବର୍ଷ ଆଜିକୁ ପ୍ରାୟ ୧୧ ଦିନ ହେଲା ଲୋକେ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି । ପନିପରିବା ବିକ୍ରି ହୋଇନପାରି ଗଛରେ ପଚୁଛି । ଲୋକେ କାମଧନ୍ଦା କରିବାକୁ ଯାଇପାରୁ ନଥିବାରୁ ସେମାନଙ୍କ ଅବସ୍ଥା ଖରାପ ହେଲାଣି । ସେଦିନରୁ ପିଲାମାନେ ସ୍କୁଲ କଲେଜ ଯାଉନାହାନ୍ତି । ହିତାଧିକାରୀମାନେ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁ ନାହାନ୍ତି । ଏଭଳି ଅନେକ ସମସ୍ୟା ଭିତରେ ରହିଛନ୍ତି ଲୋକେ । ଏନେଇ ସ୍ଥାନୀୟ ବିଧାୟକ ନଳିନୀକାନ୍ତ ପ୍ରଧାନ କହିଛନ୍ତି, ସେଠାରେ ପୋଲ ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ଆର୍ଥିକ ମଞ୍ଜୁରୀ ନିମନ୍ତେ ସୁପାରିଶ କରାଯାଇଛି। ୧୦ ଲକ୍ଷ ଟଙ୍କା ମଧ ମଞ୍ଜୁରୀ ହୋଇ ସାରିଛି । ତେଣୁ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ।

# ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣା: କ୍ରାଇମବ୍ରାଞ୍ଚ ସାମ୍ନାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଲେ ସାଙ୍ଗ

**କଟକ, ୨୫/୦୭ ନ୍ୟୁଜ ବ୍ୟୁରୋ**

ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣା । କ୍ରାଇମବ୍ରାଞ୍ଚ ପକ୍ଷରୁ ଜୋରଦାର ଚାଲିଛି ତଦନ୍ତ । ହେଲେ ସୌମ୍ୟଙ୍କ ସାଙ୍ଗ ହାପି କ୍ରାଇମବ୍ରାଞ୍ଚ ଅଫିସରେ ପହଞ୍ଚି ତଦନ୍ତକାରୀ ଅଧିକାରୀଙ୍କୁ ଦେଇଛନ୍ତି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ତାଙ୍କ ମତରେ, ସୌମ୍ୟ ଖୁବ୍ ଚାପରେ ରହୁଥିଲେ । ବହୁ ଜାଗାରେ ତାଙ୍କ ଟଙ୍କା ଫସି ରହିଥିଲା। ସେ ହତାଶା ଭିତରେ ସମୟ ବିତାଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଆଗରେ କହିଛନ୍ତି ହାପି । ତେଣେ ମାମଲାରେ ସମ୍ପୃକ୍ତ ଅନେକ ପ୍ରମୁଖ ଅଭିଯୁକ୍ତ କାହିଁକି ଏଯାଏଁ ଗିରଫ ହୋଇନାହାଁନ୍ତି ବୋଲି ଦାବି କରିଛନ୍ତି ମୃତ ସୌମ୍ୟଙ୍କ ଅନ୍ୟତମ ବନ୍ଧୁ। ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ଖୁବ୍ ଚାପରେ ଥିଲେ। ଗୋଟିଏ କିମ୍ବା ୨ଟି ନୁହେଁ ପାଖାପାଖି ୪ ଟି ଜିମ୍‌ର ପରିଚାଳନା ଦାୟିତ୍ୱଭାର ତାଙ୍କ କାନ୍ଧରେ ଥିଲା। ଯେଉଁଥି ପାଇଁ ଲକ୍ଷାଧିକ ଟଙ୍କା ଭିନ୍ନ ଭିନ୍ନ ଜାଗାରେ ଫସି ରହିଥିଲା। ପୁଣି ବିଭାଗୀୟ ଚାପ ଏବଂ କିଛି ବଡବାଡିଆଙ୍କ ନାଲିଆଖି ଆଗରେ ସେ ଯେମିତି ଅଣ ନିଶ୍ୱାସୀ ହୋଇ ପଡୁଥିଲେ। କ୍ରାଇମବ୍ରାଞ୍ଚରେ ହଜାର ହୋଇ, ତଦନ୍ତକାରୀ ଅଧିକାରୀଙ୍କୁ କିଛି ଏଭଳି କହିଛନ୍ତି ମୃତ ସୌମ୍ୟଙ୍କ ବାଲ୍ୟବନ୍ଧୁ ହାପି। ତା ବ୍ୟତୀତ ସୌମ୍ୟଙ୍କ ସହ ବାର୍ତ୍ତାଳାପ ହୋଇଥିବା କିଛି ଅଡିଓ ରେକର୍ଡିଂ ଏବଂ ଭିଜୁଆଲ ମଧ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି ସାଙ୍ଗ ହାପି। ବାଲିଅନ୍ତା ହତ୍ୟା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ତା'ପୂର୍ବରୁ କମିଶନରେଟ ପୋଲିସ ମଧ କିଛିଟା କାର୍ଯ୍ୟାନୁଷ୍ଠାନ ନେଇସାରିଛି। ଏମିତି ଦେଖିଲେ ବାଲିଅନ୍ତା ଭିଡହିଂସା ମାମଲାରେ ଗିରଫଦାରୀ ସଂଖ୍ୟା ୨୦ରେ ପହଁଞ୍ଚିଛି। ହେଲେ ଘଟଣାର ଯିଏ ପ୍ରମୁଖ ଅଭିଯୁକ୍ତ ସେ କାହିଁକି ଏଯାଏଁ ଗିରଫ ହେଲାନି ବୋଲି ପ୍ରଶ୍ନ କରିଛନ୍ତି ମୃତ ସୌମ୍ୟଙ୍କର ଆଉ ଜଣେ ବନ୍ଧୁ। କେବଳ ଘଟଣା ବେଳେ ଉପସ୍ଥିତ ଥିବା ଲୋକ ନୁହଁନ୍ତି ବରଂ ସୌମ୍ୟ ହତ୍ୟା ଘଟଣାରେ ପୋଲିସ ସମ୍ପୃକ୍ତ, କିଛି ବଡବଡିଆ ମଧ ସେ ଘଟଣା ପାଇଁ ଦାୟୀ, ତେଣୁ ସମସ୍ତଙ୍କୁ ମାମଲାରେ ପକ୍ଷଭୁକ୍ତ କରି ତଦନ୍ତ କରିବାକୁ ଦାବି ହୋଇଛି। ବାଲିଅନ୍ତା ଭିଡ଼ ହତ୍ୟା ମାମଲାର ତଦନ୍ତ ପାଇଁ ଏନଏଚଆରସି ଟିମ୍ ମଧ ଘଟଣାସ୍ଥଳକୁ ଯାଇ ଅନୁଧାନ କରିସାରିଛି। ଅନେକଙ୍କୁ ପଚରାଉଚରା କରିସାରିଛି ଏନଏଚଆରସି ଟିମ୍। ଏବେ ମାମଲାର ସତ୍ୟତା ଖୋଜିବା ସହିତ ପ୍ରକୃତ ଦୋଷୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଛାତ୍ରୀ ନିବାସରେ ୯୨ ଛୁଇଁଲା ଝାଡ଼ା ବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

## ହଷ୍ଟେଲରୁ ପିଲାଙ୍କୁ ନେଇଯିବାକୁ ଅଡ଼ି ବସିଲେ ଅଭିଭାବକ

**ରାଇରଙ୍ଗପୁର, ୨୫/୦୭**
**ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବିଜାତଳା ଗୋଷ୍ଠୀ ଶିକ୍ଷା ଅଧୀନ ସରଗୋଡା କେଜିବିଭି ବିଦ୍ୟାଳୟରେ ତିନି ଦିନରେ ୨୦ରୁ ୯୨ ଛୁଇଁଲା ଝାଡ଼ା ବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା । ଛାତ୍ରୀ ନିବାସ ପାଲଟିଲା ହସ୍ପିଟାଲ। ଛାତ୍ରୀନିବାସ ସମ୍ମୁଖରେ ବସିଛି ଡାକ୍ତରୀ ଟିମ୍ । ଜିଲ୍ଲା ଶିକ୍ଷାଧିକାରୀ ନିଜେ ଗ୍ରାଉଣ୍ଡ ଚେକ୍ କରିଛନ୍ତି । ଡାକ୍ତରୀ ଟିମ କହିଲେ ନିମ୍ନ ମାନର ଖାଦ୍ୟ ପାଇଁ ଝାଡା ବାନ୍ତି ହୋଇଛି । ଅଭିଯୋଗ ଅନୁସାରେ ଗତ ବୁଧବାର ଉକ୍ତ ଛାତ୍ରୀ ନିବାସରେ ବୈଧତା ସାରିଥିବା ପନିର ତରକାରୀ, ନିମ୍ନ ମାନର ଛତୁଆ ତଥା ବାସି ପଖାଳ ଛାତ୍ରୀମାନଙ୍କୁ ଖାଇବାକୁ ଦେଇଥିବାରୁ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିଲେ ୨୦ ଜଣ ଛାତ୍ରୀ । ସମସ୍ତ ଛାତ୍ରୀଙ୍କ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା । ତେବେ ଗୁରୁବାର ୨୦ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ହୋଇଥିବା ବେଳେ ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରିଛନ୍ତି । ସେହି କ୍ରମରେ ଆଉ ତିନି ଜଣ ଛାତ୍ରୀଙ୍କୁ ରାଇରଙ୍ଗପୁର ଡାକ୍ତରଖାନରେ ଆଡ଼ମିସନ କରି ଚିକିତ୍ସା କରାଯାଉଛି। ଏହି ଘଟଣା ସମୟରେ ଡାକ୍ତରଖାନାରେ ବାମନଘାଟି ଉପଜିଲ୍ଲାପାଳ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଖବର ଦେବା ପରେ ଉକ୍ତ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ରହି ହଷ୍ଟେଲ ପରିସରରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର କରି ଆହୁରି ଆକ୍ରାନ୍ତ ହୋଇଥିବା ଛାତ୍ରୀମାନଙ୍କୁ ଚିକିତ୍ସା କରାଯାଉଛି ।

ଏଭଳି ଖରାପ ଖାଦ୍ୟ ଦେଇ ଛାତ୍ରୀମାନଙ୍କ ଦେହ ଅସୁସ୍ଥ ହାଇଥିବା ଅଭିଯାଗରେ ବିଧାୟକଙ୍କ ପ୍ରତିନିଧି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କିନ୍ତୁ ଆକ୍ରାନ୍ତ ସଂଖ୍ୟା କମ ରହିଛନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି। ତେବେ ଚିକିତ୍ସା କରୁଥିବା ଡାକ୍ତର ମୋଟ ୯୨ ଜଣ ଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି ବୋଲି କହିଥିବା ବେଳେ ଆକ୍ରାନ୍ତ ସଂଖ୍ୟା କମ କରି କହିବା ଜିଲ୍ଲା ଶିକ୍ଷା ଅଧିକାରୀ କାହିଁକି ପ୍ରତିକ୍ରିୟା ରଖିଛନ୍ତି ତାହାକୁ ନେଇ ସନ୍ଦେହ ଜାତ ହେଉଛି । ତେବେ ଏକା ସାଙ୍ଗରେ ୯୨ ଜଣ ଛାତ୍ରୀଙ୍କୁ ଝାଡା ବାନ୍ତି ହୋଇଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହାଇଛି। ଯେଉଁଥି ପାଇଁ ଶନିବାର ନିଜର ଛୁଆଙ୍କୁ ଘରକୁ ନେଇଯିବାକୁ ଅନେକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ତେବେ ଘଟଣା ପାଇଁ ଦାୟୀ କିଏ ତାହା ସାଧାରଣରେ ପ୍ରଶ୍ନ ଉଠୁଛି । ଶୁକ୍ରବାର ସନ୍ଧ୍ୟା ସମୟରେ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ, ବିଡ଼ିଓଙ୍କ ସମେତ ଶାସକ ଦଳର ଏକ ସ୍ୱତନ୍ତ୍ର ଟିମ୍ ବିଦ୍ୟାଳୟରେ ଯାଇ ସମୀକ୍ଷା କରିଛନ୍ତି।